ବର୍ଷ-୨୫, ସଂଖ୍ୟା-୮୦
ଭୁବନେଶ୍ୱର
୨୩, ମାର୍ଚ୍ଚ, ୨୦୨୫, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 80
Bhubaneswar
23 March, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ଡିସେମ୍ବର ୯ରେ ବାରବାଟୀରେ
ଭାରତ - ଦ.ଆଫ୍ରିକା ଟି-୨୦

# ରାଜ୍ୟରେ ଆସିବ ନୂଆ ଜଳନୀତି

**ଭୁବନେଶ୍ୱର,୨୨।୩(ମହାଭାରତ):** ଜଳ ସଂରକ୍ଷଣ, ଜଳ ପରିଚାଳନାରେ ସରକାରଙ୍କର ସବୁଠାରୁ ବଡ ଭୂମିକା ରହିଛି କିନ୍ତୁ ଏଥିରେ ବ୍ୟକ୍ତିଗତ ସ୍ତରରେ ତଥା ଗୋଷ୍ଠୀଗତ ସ୍ତରରେ ସମସ୍ତେ ନିଜ ନିଜ ଯୋଗଦାନ ରଖିବା ନିତାନ୍ତ ଆବଶ୍ୟକ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଜଳ ଦିବସ ଅବସରରେ ଲୋକସେବା ଭବନ ସ୍ଥିତ କନଭେନସନ ସେଣ୍ଟର ଠାରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ସମାରୋହରେ ଯୋଗ ଦେଇ କହିଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜ୍ୟ ସହିତ ଥିବା ଜଳ ବିବାଦ ବିଷୟରେ ଆଲୋକପାତ କରି କହିଥିଲେ ଯେ, ଓଡିଶା ସହିତ ଜଳକୁ ନେଇ ଯେଉଁଠି ବିବାଦ ଅଛି ତାକୁ ଆମେ ଗୁରୁତ୍ୱର ସହ ନେଇଛୁ। ତା'ର ତ୍ୱରିତ ସମାଧାନ କରାଯିବ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ, ଜଳ ବିନା ଜୀବନ ସୃଷ୍ଟି ହେବା ଅସମ୍ଭବ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବ୍ୟବହାର ଯୋଗ୍ୟ ଜଳର ଉପଲବ୍ଧତା ନେଇ ବିଶ୍ୱ ପାଣିପାଗ ସଂଘ ଆଶଙ୍କା ପ୍ରକାଶ କରିଛି। ଗତ ୨୦ ବର୍ଷ ଧରି, ମାଟିର ଆର୍ଦ୍ରତା ଏବଂ ଗ୍ଲାସିଆରରେ ଗଚ୍ଛିତ ଜଳର ପରିମାଣ କ୍ରମାଗତ ଭାବେ କମିବାର ଲକ୍ଷ୍ୟ କରାଯାଇଛି। ଏ ସବୁ ଦୃଷ୍ଟିକୋଣରୁ ଆଗାମୀ ଦିନରେ ଜଳ ସଂରକ୍ଷଣ ଓ ଜଳକୁ ପ୍ରଦୂଷଣ ମୁକ୍ତ ରଖିବା ଅପରିହାର୍ଯ୍ୟ। ସେ କହିଥିଲେ ଯେ ୨୦୨୧ ମସିହା ତଥ୍ୟ ଅନୁଯାୟୀ, ୨୨୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଜଳ ସଙ୍କଟ ଦେଖା ଯାଉଥିବା ଦେଶରେ ବାସ କରୁଛନ୍ତି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିଶୁଦ୍ଧ ଜଳ ଯୋଗାଇଦେବା ସହିତ, ଏହାର ଉପଯୋଗୀତା ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱ ଜଳ ଦିବସ ପାଳନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା sustainable development goalକୁ ହାସଲ କରି ସମସ୍ତଙ୍କୁ ଶୁଦ୍ଧ ଜଳ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବା। ସେ ପୁଣି କହିଥିଲେ ଯେ ଆଗାମୀ ଦିନରେ କିଭଳି ଜଳ ସଂରକ୍ଷଣ ଓ ଜଳ ପରିଚାଳନାର ସୁବନ୍ଦୋବସ୍ତ ହେଇ ପାରିବ, ତାକୁ ଗୁରୁତ୍ୱ ଦେଇ ସେ ଦିଗରେ ଆମ ସରକାର ଆସିବା ପରେ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। କେନାଲର ତଳ ମୁଣ୍ଡରେ ରହୁଥିବା ଚାଷୀ ପାଖରେ କିଭଳି ପାଣି ପହଂଚିବ ସେଥିପ୍ରତି ଆମେ ଧ୍ୟାନ ଦେଉଛୁ। ଆଗାମୀ ୫ ବର୍ଷ ଅର୍ଥାତ ୨୦୨୯ ସୁଦ୍ଧା ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳ ସେଚିତ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଜଳ ସମ୍ପଦର ସୁରକ୍ଷା ଓ ଏହାର ସୁପରିଚାଳନା ପାଇଁ ଚଳିତ ବର୍ଷ ବଜେଟରେ ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ଆମ ସରକାରଙ୍କ ଲକ୍ଷ୍ୟ କେବଳ ଜଳସେଚନ ଯୋଗାଇବା ନୁହେଁ, ସାମଗ୍ରିକ ଭାବେ ଜଳ ପରିଚାଳନା କରିବା, ଯାହାଦ୍ୱାରା ରାଜ୍ୟର ପ୍ରତ୍ୟେକ ଲୋକେ ପରିବେଶକୁ କ୍ଷତି ନ ପହଞ୍ଚାଇ ଆବଶ୍ୟକ ଜଳ ପାନୀୟ ତଥା ଅନ୍ୟ କାର୍ଯ୍ୟ ପାଇଁ ହାତ ପାହାନ୍ତାରେ ପାଇ ପାରିବେ। ସେ ଆହୁରି କହିଥିଲେ, ଆମ ସରକାର, ରାଜ୍ୟରେ ନୂତନ ଜଳ ନୀତି ପ୍ରଣୟନ କରିବାକୁ ଯାଉଛନ୍ତିୟ ଏଥିସହିତ ପଟୁ ଜମି ଯାଇଥିବା ଓ ପ୍ରଦୂଷିତ ନଦୀ ନାଳ ଗୁଡିକର ପୁନରୁଦ୍ଧାର କରାଯିବା ପାଇଁ ପଦକ୍ଷେପ ନିଆଯାଉଛ। ଜଳ ସଂରକ୍ଷଣ ପାଇଁ ଜଳ ସମ୍ପଦ ବିଭାଗ ଦ୍ୱାରା ୦୯ ଗୋଟି ବୃହତ୍ତ, ୪୮ ଗୋଟି ମଧ୍ୟମ ଓ ୩୮୫୩ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ଅପାତତଃ ୨୪.୬୫ ବିଲିୟନ୍ କ୍ୟୁବିକ୍ ମିଟର ଜଳ ସଂରକ୍ଷଣ କରାଯାଇଛି। ଏତଦ୍ ବ୍ୟତୀତ ଆମ ରାଜ୍ୟରେ ୧୬ ହଜାର ୭୦୪ ଗୋଟି ଆଡି ବନ୍ଧ (ଚେକ ଡ୍ୟାମ) ନିର୍ମାଣ କରାଯାଇଅଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ନଦୀ ରେ ୭୨ ଟି ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ କରି ୬୫ ହଜାର ୭୯୨ ହେକ୍ଟର ମିଟର ଜଳ ସଂରକ୍ଷଣ କରିବା ପାଇଁ ଯୋଜନା କରାଯାଇଛି। ତନ୍ମଧ୍ୟରୁ ୨୨ ଗୋଟି ନିର୍ମାଣାଧୀନ ଅଛି, ୬ ଗୋଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ସେ ଆହୁରି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୧, ମସିହାରେ ବିଶ୍ୱ ଜଳ ଦିବସରେ ଜଳଶକ୍ତି ଅଭିଯାନର ଶୁଭାରମ୍ଭ କରି କହିଥିଲେ, ଜଳ ସୁରକ୍ଷା ଓ ଜଳର ସୁ-ପରିଚାଳନା ବିନା ଦ୍ରୁତ ବିକାଶ ଅସମ୍ଭବୟ ଜଳ ଶକ୍ତି ଅଭିଯାନ ୨୦୨୪ ଅନ୍ତର୍ଗତ ବିଭିନ୍ନ ଯୋଜନା ମାଧ୍ୟମରେ ଆମ ରାଜ୍ୟରେ ୧,୮୦,୬୪୩ ଗୋଟି ଜଳ ସଂରକ୍ଷଣ ଷ୍ଟ୍ରକ୍‌ଚର, ୩୫୮୬୨ ଗୋଟି ପାରମ୍ପରିକ ଜଳାଶୟର ନବୀକରଣ, ୩୪,୫୩୪ ଭୂତଳ ପୁନର୍ଭରଣ ଷ୍ଟ୍ରକ୍‌ଚର ଏବଂ ୧,୭୮,୧୦୯ ଗୋଟି ଜଳଛାୟା ପ୍ରକଳ୍ପ କରାଯାଇଛି।

## ନିଶା ବେପାରୀଙ୍କ କବଜାରେ ରାଜଧାନୀ



**ଭୁବନେଶ୍ୱର,୨୨।୩ (ମହାଭାରତ):** ନିଶା କାରବାରର ହବ୍ ପାଲଟିଛି ରାଜଧାନୀ ଭୁବନେଶ୍ୱର। ଆଉ ନିଶା କାରବାର କରୁଥିବା ଯୁବକଙ୍କୁ ଧରିବା ପାଇଁ ଏବେ ଆକ୍ସନ ମୋଡରେ କମିସନରେଟ୍ ପୋଲିସ। ଆଜି ରାଜଧାନୀ ରାଜରାସ୍ତାରେ ନିଜର ପାୱାର୍ ଦେଖାଇଛି ପୋଲିସ। ରାଜରାସ୍ତାରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଛି କମିଶନରେଟ୍ ପୋଲିସ୍। ଆଉ ଧରା ପଡିଥିବା ଯୁବକଙ୍କ ପକେଟ୍ ରୁ ବାହାରିଛି ପୁଳା ପୁଳା ବ୍ରାଉନସୁଗାର ଓ ଗଞ୍ଜେଇୟ କେବଳ ସେତିକି ନୁହେଁ କିଛି ପାନ ଦୋକାନରୁ ବିପୁଳ ଗଞ୍ଜେଇ, ସିଗାରେଟ୍ ମଧ୍ୟ ଜବତ କରିଛି ପୋଲିସ । ନିଶା କାରବାର ରୋକିବାକୁ କମିଶନରେଟ ପୋଲିସର ବଡ଼ ଧରଣର ରେଡ କରିଛି। ଭୁବନେଶ୍ୱର ଜୟଦେବ ବିହାର ଛକରେ ଥିବା ଏକ ପାନ ଦୋକାନରେ ରେଡ କରିଛି ପୋଲିସ। ଏଥିସହ ନିଶା କାରବାରରେ ଜଡିତ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮ ଜଣଙ୍କୁ ଅଟକ ରଖିଛି ପୋଲିସ । ସନ୍ଧାନୀ କୁକୁର ସହ ସ୍ପେଶାଲ କ୍ରାଇମ ୟୁନିଟ ଏହି ଚାଉ କରିଛି। ଉକ୍ତ ପାନ ଦୋକାନରୁ ବିପୁଳ ପରିମାଣର ଗଞ୍ଜେଇ ଓ ସିଗାରେଟ୍ ଜବତ କରାଯାଇଥିବା ସେଇ ସୂଚନା ମିଳିଛି।

ଗତକାଲି ଭୁବନେଶ୍ୱରରୁ ବିପୁଳ ପରିମାଣର ଦେଶୀ ମଦ ଜବତ ହୋଇଥିଲା। ସେ ବି ପୁଣି ସ୍ପ୍ରାଇଟ୍ ବୋତଲରେ। କୋଲ୍ଡ ଡ୍ରିଙ୍କସ୍ ବୋତଲ ମଧ୍ୟରେ ଦେଶୀ ମଦ ବିକ୍ରି ହେଉଥିଲା। ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରେ ଏକ ଥଣ୍ଡା ପାନୀୟ ସହ ପାନ ଦୋକାନ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିଲା ଅବକାରୀ ଟିମ୍।

## ବାଲି ଖାଦାନ ପାଇଁ ଏସଓପି

**ଭୁବନେଶ୍ୱର,୨୨।୩ (ମହାଭାରତ):** ରାଜ୍ୟରେ ବାଲି ଓ ଖଣି ମାଫିଆ ମାତିଛନ୍ତି। ବାଲି ଓ ଖଣି ମାଫିଆମାନେ ରାଜ୍ୟ ଭିତରୁ ବେଆଇନ୍ ଭାବେ ବାଲି ଓ ଖଣିଜ ସାମଗ୍ରୀ ଚାଲାଣ କରି ଲକ୍ଷଲକ୍ଷ ଟଙ୍କା



ରୋଜଗାର କରୁଛନ୍ତି। ଆଗାମୀ ଦିନରେ ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ହାତକୁ ପଦକ୍ଷେପ ନେଇଛନ୍ତି। ବାଲି ଖାଦାନ ପରିଚାଳନା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର ବା ଏସ୍‌ଓପି ଆସିଛି। ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ଏସ୍‌ଓପି ଜାରି ହୋଇଛି।

ଏସ୍‌ଓପି ଅନୁଯାୟୀ ବାଲି ପରିଚାଳନା ପାଇଁ ପ୍ରତି ଜିଲ୍ଲାରେ କମିଟି ଗଠନ ହେବ। ଏହି କମିଟିରେ ଜିଲ୍ଲାପାଳ ଅଧକ୍ଷତା କରିବେ। କେଉଁ ଖାଦାନରୁ ବାଲି ଉତ୍ତୋଳନ ହେବ, ତାହା ଚୟନ କରିବ ଏହି କମିଟି। ଏଥିରେ ସଦସ୍ୟ ଭାବେ ଉପଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫଓ), ଜିଲ୍ଲା ଉନ୍ନୟନ ଅଧିକାରୀ, ରାଜସ୍ୱ ବିଭାଗ ଏଡିଏମ୍, ଜିଲ୍ଲା ଖଣି ଅଧିକାରୀ ରହିବେ। ୨ ଜଣ ବିଡିଓ ଏବଂ ୨ ଜଣ ତହସିଲଦାର ମଧ୍ୟ ସଦସ୍ୟ ରହିବେ, ଯେଉଁମାନଙ୍କୁ ଜିଲ୍ଲାପାଳ ମନୋନୀତ କରିବେ। ଏହି କମିଟିର ଆବାହକ ରହିବେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ।

ନୂଆପଡ଼ା ତହସିଲ ଅଧୀନ ଛତିଶଗଡ଼ ସୀମାନ୍ତରେ ବେଆଇନ ବାଲି ଚୋରାଚାଲାଣ ବିବାରେ ଲାଗିଛି। ବାଲି ମାଫିଆ ମାଲାମାଲ ହେଉଥିବା ବେଳେ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି।

ରାୟଗଡ଼ା ଜିଲ୍ଲାର ନାଗାବଳୀ ଓ ବଂଶଧାରା ନଦୀରୁ ବେଧଡ଼କ ଓ ବେଆଇନ ଭାବେ ପଡୋଶୀ ଆନ୍ଧ୍ରପ୍ରଦେଶକୁ ବାଲି ଚୋରା ଚାଲାଣ ହେଉଛି। ତହସିଲ ଓ ମାଇନିଂ ବିଭାଗ ପକ୍ଷରୁ ଚଢ଼ଉ କରାଯାଉଛି। କିନ୍ତୁ ଅନେକ ସମୟରେ ମାଫିଆମାନେ ଖସି ଯାଉଛନ୍ତି।

ମୟୂରଭଞ୍ଜ ଜିଲ୍ଲା ତିରିଂ ତହସିଲ ଅଞ୍ଚଳରୁ ପଡ଼ୋଶୀ ଝାଡ଼ଖଣ୍ଡକୁ ବେଆଇନ୍ ଭାବେ ବାଲି ଚାଲାଣ ହେଉଥିଲା। କିଛି ମାସ ହେଲା ପ୍ରଶାସନ ସକ୍ରିୟ ଥିବାରୁ ଚୋରା ଚାଲାଣରେ ବ୍ରେକ୍ ଲଗିଛି। ସେହିପରି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଓ ବସ୍ତା ଅଞ୍ଚଳରୁ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ପଡ଼ୋଶୀ ପଶ୍ଚିମବଙ୍ଗକୁ ମଧ୍ୟ ଅନେକ ସମୟରେ ବେଧଡ଼କ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି।

# ତାତିଠୁ ବଳିଗଲା କାଳବୈଶାଖୀ

**ଭୁବନେଶ୍ୱର,୨୨।୩(ମହାଭାରତ):** ଅସହ୍ୟ ଗରମ ପରେ ବଦଳିଛି ଓଡ଼ିଶାର ପାଣିପାଗ। କାଳବୈଶାଖୀ ପ୍ରଭାବରେ ଉତ୍ତରରୁ ଦକ୍ଷିଣ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ପ୍ରବଳ ଖରା ଓ ଗୁଳୁଗୁଳି ପରେ ଦାଉ ସାଧିଛି ବର୍ଷା। କେଉଁଠି ଚାଳ ଉଡ଼ାଇ ନେଇଛି ତ କେଉଁଠି ବ୍ରଜପାତରେ ଜୀବନ ଯାଇଛି। ଆହୁରି ୨ ଦିନ ସାରା ରାଜ୍ୟରେ ରହିବ କାଳବୈଶାଖୀର ପ୍ରଭାବ। ବାରିପଦାରେ ସବୁଠୁ ଅଧିକ କ୍ଷତି କରିଛି କାଳବୈଶାଖୀ ବର୍ଷା। ପବନ ମାଡ଼ରେ ଅନେକ ଘରର ଛପର ଉଡ଼ିଯାଇଛି। ୪୭ ଗାଁର ପ୍ରାୟ ୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ରିଲିଫ କେନ୍ଦ୍ର ଖୋଲାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ୨ ଦିନ ବନ୍ଦ ରହିବ ଶିମିଳିପାଳ। କେନ୍ଦୁଝର ହାଟଡ଼ିହିରେ ମଧ୍ୟ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। କୁଆପଥର ମାଡ଼ ଓ ଗଛ ପଡ଼ି ଘରର ଆଜବେଷ୍ଟ ଭାଙ୍ଗି ଯାଇଛି। ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବାରୁ ବିଦ୍ୟୁତ



ସେବା ବିଚ୍ଛିନ୍ନ ହୋଇଛି। ସେହିପରି ବଜ୍ରପାତ ଯୋଗୁଁ ବ୍ରହ୍ମଗିରିରେ ଏବଂ ଦିଗପହଣ୍ଡିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି।

ଅନ୍ୟପକ୍ଷରେ ବର୍ଷାରେ ଉବୁଟୁବୁ ହୋଇଛି କଟକ, ବ୍ରହ୍ମପୁର ସହର। ବ୍ରହ୍ମପୁରରେ କାଳବୈଶାଖୀ ବର୍ଷା ବନ୍ୟା ଭଳି ପରିସ୍ଥିତି ସୃଷ୍ଟି କରିଛି। ସହରର ଅନେକ ସ୍ଥାନରେ ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶିଛି। ଏମକେସିଜି ମେଡିକାଲରେ ମଧ୍ୟ ପାଣି ଭାସୁଥିବାରୁ ରୋଗୀ ହନ୍ତସନ୍ତ ହୋଇଛନ୍ତି। ସେହିପରି କଟକର ବିଭିନ୍ନ ସ୍ଥାନରେ ଲହଡ଼ି ମାରୁଛି ବର୍ଷା ପାଣି।

ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରେ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ହୋଇଛି। ଏହି ସମୟରେ ବଜ୍ରପାତରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଶିହଳା ପଂଚାୟତ ଟାମଣା ଗ୍ରାମରେ ବିଲରେ କାମ କରୁଥିବା ବେଳେ କୁମାରୀ ମଲ୍ଲିକ (୫୦) ଗୁରୁତର ହୋଇଥିଲେ।

ତାଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବଜ୍ରପାତରେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ନାରାୟଣପୁର ଗ୍ରାମର ଦଶମ ଶ୍ରେଣୀର ଛାତ୍ର ରାଜେଶ ଗୌଡ଼ ରାସ୍ତାରେ ଯାଉଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳରେ ରାଜେଶଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସାଙ୍ଗକୁ ଭୀଷଣ ବର୍ଷା, ପବନ ଓ କୁଆପଥର ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଜାରି ହୋଇଛି। ସେହିପରି ୨୩ ଓ ୨୪ ତାରିଖରେ ରାଜ୍ୟର କେତେକ ସ୍ଥାନରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଚେତାବନୀ ଜାରି ହୋଇଛି।

ଘଡ଼ଘଡ଼ି ସାଙ୍ଗକୁ ଭୀଷଣ ବର୍ଷା, ପବନ ଓ କୁଆପଥର ବର୍ଷା ନେଇ ଆସନ୍ତା ୨୪ ଘଂଟା ପାଇଁ ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁର, ଢ଼େଙ୍କାନାଳ, କେନ୍ଦୁଝର, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ। ଏହି ସମୟରେ ସେଠାରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କି.ମି. ରହିପାରେ। ଭୀଷଣ ବର୍ଷା ନେଇ ୬ ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝରକୁ ଚେତାବନୀ ରହିଛି।

## ପ୍ରଯୁକ୍ତିବିଦ୍ୟାର ମିଶ୍ରଣ ବିଶ୍ୱ ଗଣମାଧ୍ୟମକୁ ପ୍ରଭାବିତ କରୁଛି

**ଭୁବନେଶ୍ୱର,୨୨।୩(ମହାଭାରତ):** ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରରେ ବିଶ୍ୱସ୍ତରୀୟ ସହଯୋଗ ବୃଦ୍ଧି କରିବା ଲାଗି ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଭାରତ ସରକାର 'ୱେଭସ୍ ୨୦୨୫' ଉପରେ ଏକ ଉଚ୍ଚସ୍ତରୀୟ ଅଧିବେଶନ ଆୟୋଜନ କରିଛନ୍ତି। ଏହା ନୂଆଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ସୁଷମା ସ୍ୱରାଜ ଭବନରେ ଆୟୋଜିତ ହୋଇଥିଲାୟ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଆସନ୍ତା ମଇ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଅଡିଓ ଭିଜୁଆଲ୍ ଓ ମନୋରଞ୍ଜନ ଶିଖର ସମ୍ମିଳନୀ (ୱେଭ୍ସ) ୨୦୨୫ରେ ଅନ୍ତର୍ଜାତୀୟ ସମୁଦାୟକୁ ସାମିଲ କରିବାର ପ୍ରୟାସ ସ୍ୱରୂପ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ, ମହାରାଷ୍ଟ୍ର ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁଶ୍ରୀ ସୁଜାତା ସୌନିକ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ ଏହି ଅବସରରେ ଉପସ୍ଥିତ ଥିଲେ। ବିଭିନ୍ନ ଦେଶର ପ୍ରାୟ ୧୦୦ ଜଣ ରାଷ୍ଟ୍ରଦୂତ ଏବଂ ଉଚ୍ଚାୟୁକ୍ତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ମହାରାଷ୍ଟ୍ର ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ବିନିମୟ ହୋଇଥିଲା। ଏହା ଗଣମାଧ୍ୟମ, ମନୋରଞ୍ଜନ ଏବଂ ଡିଜିଟାଲ ପ୍ରସାର କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଲାଗି ଉଦ୍ଦିଷ୍ଟ। ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ''ସୃଜନଶୀଳତା, ଗଣମାଧ୍ୟମ ଓ ପ୍ରଯୁକ୍ତିବିଦ୍ୟାର ମିଶ୍ରଣ ବିଶ୍ୱର ଗଣମାଧ୍ୟମ ପରିଦୃଶ୍ୟକୁ ପରିବର୍ତ୍ତନ କରୁଛି ଏବଂ ସମନ୍ୱୟର ଏକ ନୂତନ ସ୍ତରରେ ପହଞ୍ଚାଇଛି। ମନ୍ତ୍ରୀ କହିଥିଲେ ଯେ, ସମସ୍ତ ବର୍ଗର ସୃଜନଶୀଳ ନିର୍ମାତା ବା କ୍ରିଏଟର୍ମାନେ ଉଚ୍ଚକୋଟୀର ବିଷୟବସ୍ତୁ ସୃଷ୍ଟି କରିପାରିବେ ଏବଂ ଏହା ହେଉଛି ୱେଭ୍ସ ୨୦୨୫ର ମୂଳ ଉଦ୍ଦେଶ୍ୟ। ''ଆମେ ମଇ ୧ ରୁ ମେ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ୱେଭ୍ସ ୨୦୨୫ ପାଇଁ ପ୍ରଯୁକ୍ତିବିଦ୍ୟା, ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିବିଶେଷ ଏବଂ ସଂସ୍ଥାମାନଙ୍କୁ ନିମନ୍ତ୍ରଣ କରୁଛୁ'', ବୋଲି ମନ୍ତ୍ରୀ କହିଥିଲେ। ବିଶ୍ୱ ସ୍ତରରେ ବିଭିନ୍ନ ଭାରତୀୟ ପ୍ରୟାସ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରି ମନ୍ତ୍ରୀ ସମସ୍ତ ଅଂଶୀଦାରମାନଙ୍କୁ ୱେଭ୍ସ ୨୦୨୫ରେ ଅଂଶଗ୍ରହଣ କରିବା ଏବଂ ବିଶ୍ୱସ୍ତରୀୟ ନିର୍ମାତା ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ଏକାଠି ହେବାକୁ ସେ ଆମନ୍ତ୍ରଣ କରିଥିଲେ।

## ୨୫ ବର୍ଷ ପାଇଁ ବନ୍ଦ କରାଯାଉ ସୀମା ନିର୍ଦ୍ଧାରଣ

**ଚେନ୍ନାଇ,୨୨।୩(ଏଜେନ୍ସି):** ଲୋକସଂଖ୍ୟା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ ହେଲେ ଏହି ରାଜ୍ୟଗୁଡିକ ଉତ୍ତର ଭାରତୀୟ ରାଜ୍ୟ ତୁଳନାରେ ବହୁ ଲୋକସଭା ଆସନ ହରାଇବ। ଯାହାକୁ ଏହି ବିଭିନ୍ନ ରାଜ୍ୟମାନେ ବିରୋଧ କରିଛନ୍ତି। ଆଗାମୀ ଦିନରେ ଏହି ଦିଗରେ ମିଳିତଭାବେ କାର୍ଯ୍ୟ କରିବାକୁ ଆକ୍ସନ କମିଟି ଗଠନ ହୋଇଛି। ତେଲେଙ୍ଗାନର ପରସ୍ପର ବିରୋଧୀ କଂଗ୍ରେସ, ବିଆରଏସ ଓଡିଶାର ମୁଖ୍ୟ ବିରୋଧୀ ଦଳ ବିଜେଡିର ପ୍ରତିନିଧିଙ୍କ ସମେତ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇଥିଲେ।



୨୦୨୬ରେ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ କେନ୍ଦ୍ରର ବିଜେପି ସରକାର ବିଭିନ୍ନ ନୀତି ଯେମିତି ଜାତୀୟ ଶିକ୍ଷା ନୀତି ସମେତ ହିନ୍ଦୀ ଭାଷାକୁ ନେଇ ଷ୍ଟାଲିନ ବିରୋଧ କରୁଛନ୍ତି। ଲୋକସଭା ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ଅନେକ ଅଣ ବିଜେପି ରାଜନୈତିକ ଦଳଗୁଡିକ ଏକାଠି କରି ଷ୍ଟାଲିନ ନିଜର ନେତୃତ୍ୱ ଜାହିର କରିବାକୁ ଚାହୁଁଛନ୍ତି। କିନ୍ତୁ ଏଥିରେ ସେ କେତେଦୂର ସଫଳ ହେବେ ତାହା କହିହେବ ନାହିଁ। ଗୋଟିଏ କଥା ଏଥିରୁ ସ୍ପଷ୍ଟ ଯେ ରାଜ୍ୟ ବିଜେଡ଼ି ନିଜର ସ୍ଥିତାବସ୍ଥାକୁ ବଞ୍ଚାଇ ରଖିବା ପାଇଁ ତା'ର ସମଦୂରତା ନୀତିର ବିରୁଦ୍ଧାଚରଣ କରି ତାମିଲ ସରକାରଙ୍କ ପାଖରେ ନିଜର ଆତ୍ମସମର୍ପଣ କରିଦେଇଛନ୍ତି ବୋଲି ଆଲୋଚନା ହେଉଛନ୍ତି।

ବୈଠକରେ ଯୋଗ ଦେଇ ନଥିବା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୈଠକକୁ ଭିଡିଓ ବାର୍ତ୍ତା ପଠାଇଥିଲେ। ନବୀନ କହିଛନ୍ତି, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସ୍ଥିରୀକରଣ ପାଇଁ ବହୁତ ଭଲ କାମ କରିଥିବା ରାଜ୍ୟ ଗୁଡ଼ିକରେ ରହୁଥିବା ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଏବଂ ଅଧିକାର ସୁନିଶ୍ଚିତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ଆମ ଦେଶର ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଏଜେଣ୍ଡା। ଯଦିଓ ଏହା ଏକ ସକାରାତ୍ମକ ଜାତୀୟ ଏଜେଣ୍ଡା ପ୍ରତି ଆମର ଅବଦାନ, ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ, କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ। ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି ଆସନ କମିଲେ ତାହା ଅନ୍ୟାୟ ହେବ ବୋଲି କହିଛନ୍ତି ନବୀନ। ଆମର ମତ ହେଉଛି ଯେ ଆମ ଦେଶର ସର୍ବୋଚ୍ଚ ପ୍ରତିନିଧିତ୍ୱ ସଂସ୍ଥାରେ ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ୍ ନୁହେଁ। ମୁଁ ପରାମର୍ଶ ଦେଉଛି ଯେ କେନ୍ଦ୍ର ସରକାର ସମସ୍ତ ଦଳ ସହିତ ଏକ ବିସ୍ତୃତ ଆଲୋଚନା କରନ୍ତୁ ଯାହା ଦ୍ୱାରା ଆମର ଗଣତନ୍ତ୍ର ପାଇଁ ଦୂରବର୍ତ୍ତୀ ପ୍ରଭାବ ପକାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯେକୌଣସି ସନ୍ଦେହ ଦୂର ହୋଇପାରିବ। ଆଜିର ବୈଠକ ଆୟୋଜନ କରିଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଧନ୍ୟବାଦ୍ ଜଣାଇଛନ୍ତି।

ତାମିଲନାଡୁରେ ଡିଲିମିଟେସନ ବୈଠକରେ ବିଜେଡି ଯୋଗ ଦେବାକୁ ନେଇ କଟାକ୍ଷ କରିଛନ୍ତି ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ। ସେ କହିଛନ୍ତି ଯେ ବିଜେପିକୁ ବିରୋଧ କରିବାକୁ ଯାଇ ତାମିଲନାଡୁର ଶରଣ ପଶିଛନ୍ତି। ବିଜେପି ବିରୋଧରେ ମେଣ୍ଟ କରୁଛନ୍ତି। ବିଜେଡି ଆତ୍ମ ସମୀକ୍ଷା କରିବା ଦରକାର।

## ଯନ୍ତ୍ରୀଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ତାଜୁବ

**ବାଲିଅନ୍ତା,୨୨।୩(ମହାଭାରତ):** ଯାଜପୁର ଜିଲ୍ଲା ଜାରକା ଆରଡି ଡିଭିଜନର ଗିରଫ କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣାଙ୍କ ରାଜଧାନୀ ଉପକଣ୍ଠ ବାଲିଅନ୍ତା ବାଲିଅନ୍ତା ଥାନା ବେଷ୍ଟପୁର ଶାସନ ଗାଁରେ ଥିବା ତାଙ୍କର ବିଳାସପୂର୍ଣ୍ଣ କୋଠା ଦେଖି ତାଜୁବ ହୋଇଛି ଭିଜିଲାନ୍ସ ଟିମ୍। ତାଙ୍କ ଘରେ ୧୨ଜଣିଆ ଭିଜିଲାନ୍ସ ଟିମ୍ ପହଞ୍ଚି ଚଢ଼ଉ ଜାରି ରଖିଛି। ମାତ୍ର କିଛି ବର୍ଷର ଚାକିରି ସମୟରେ କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣା କିଭଳି ଏତେ ବଡ଼ ଘର ନିର୍ମାଣ କଲେ, ତା'ର ଛାନଭିନ କରୁଛି ଭିଜିଲାନ୍ସ। ଉକ୍ତ ଘରର ଇଣ୍ଟେରିଅର୍ କାମ ଦେଖିଲେ ଲାଗୁଛି, ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେଣେ ଏହି ବିଳାସପୂର୍ଣ୍ଣ ପ୍ରାସାଦର ମୂଲ୍ୟ ବହୁ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ଟିମ୍ ଆକଳନ କରିଥିବା କୁହାଯାଉଛି। ଏଣେ ତାଙ୍କର ଦୁଇଟି ଫର୍ଣ୍ଣିଚର୍ ସୋରୁମ୍ ବି ଠାବ ହୋଇଛି। ତେଣେ ଏକ ପାଣି ପାଉଚ୍ କାରଖାନା ବି ଠାବ କରିଛି ଭିଜିଲାନ୍ସ ଟିମ୍। ତେଣେ ତାଙ୍କ ଇଟାଭାଟି ବି ରହିଥିବା ଜଣାଯାଇଛି। ଏଠାରେ ଚୋରା କାଠ ଆଣି ଫର୍ଣ୍ଣିଚର୍ ତିଆରି ହେଉଥିବାର ସନ୍ଦେହ କରାଯାଉଛି। ଏଥିଲାଗି କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣାଙ୍କ ଘରେ ବନ ବିଭାଗ ବି ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେଣେ ତାଙ୍କ ଘରୁ ଲକ୍ଷାଧିକ ନଗଦ ଟଙ୍କା ଓ ବହୁ ମୂଲ୍ୟବାନ ସୁନାଗହଣା ବି ଜବତ କରିଛି ଭିଜିଲାନ୍ସ ଟିମ୍। ଗତକାଲି କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣା ଜଣେ ଠିକାଦାରଙ୍କ ଠାରୁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।



# ବ୍ରେଡ ମଲାଇ ରୋଲ

ଆବଶ୍ୟକୀୟ ସାମଗ୍ରୀ : ଗୋଟିଏ ଚାମଚ ଲହୁଣୀ, କ୍ଷୀର ଗୋଟେ କପ, ୨ଚାମଚ କ୍ରିମ, ୨କପ ମିଲ୍କ ପାଉଡର, ଚିନି ଏକ କପ, ଗୁଜୁରାତି ପାଉଡର ଏକ ଚାମଚ,ବ୍ରେଡ ପିସ ୪ଟି, କାଜୁ ୪ଟି, ବାଦାମ ୪ଟି, କେଶର ଯୁକ୍ତ କ୍ଷୀର ୨ଚାମଚ, ଚେରି।

ପ୍ରସ୍ତୁତ ପ୍ରଣାଳୀ: ଏକ ତାଓ୍ୱା ଗରମ କରି ସେଥିରେ ଏକ କପ କ୍ଷୀର, କ୍ରମି, ଏକ ଚାମଚ ଲହୁଣୀ ଦିଅନ୍ତୁ । ଭଲ ଭାବେ ହଲାଇ ମିଶାଇ ଦିଅନ୍ତୁ । ଏବେ ସେଥିରେ କିଛି ମିଲ୍କ ପାଉଡର ଦିଅନ୍ତୁ ଓ ଭଲ ଭାବେ ମିଶାଇ ଦିଅନ୍ତୁ । ମିଶ୍ରଣଟି ବହଳିଆ ହେବା ପରେ ତାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଏବେ ଏକ କଡାଇରେ ଏକ କପ କ୍ଷୀର ଗରମ କରନ୍ତୁ । ସେଥିରେ ବଳକା ଥିବା କ୍ରିମ ଦିଅନ୍ତୁ । ଏବେ ସେଥିରେ ଚିନି ଦିଅନ୍ତୁ । ଚିନି ଯେମିତି ଭଲ ଭାବେ ମିଶିଯିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏବେ ସେଥିରେ ଗୁଜୁରାତି ଗୁଣ୍ଡ ଦିଅନ୍ତୁ। ଏବେ ବ୍ରେଡ ସ୍ଲାଇସ ନିଅନ୍ତୁ ଓ ତାର ଚାରି ପାଖରେ ଟ୍ରିମିଙ୍ଗ ରୋଲ କରନ୍ତୁ । ଏକ ଚାମଚ ମାବା ପେଷ୍ଟ ଓ କଟା ଯାଇଥିବା କାଜୁ ଓ ବାଦାମ ଭଲ ଭାବେ ଲଗାନ୍ତୁ । ଏବେ ତାକୁ ମୋଡି ଏକ ଟାଇମ ରୋଲ ପ୍ରସ୍ତୁତ କରନ୍ତୁ । ଏବେ ଏହି ରୋଲ ଗୁଡିକୁ ଧୀରେ ଧୀରେ କ୍ଷୀରରେ ପକାନ୍ତୁ । ପ୍ରସ୍ତୁତ ହେବା ପରେ ଭଲ ଭାବେ ଥଣ୍ଡା କରି ଦିଅନ୍ତୁ । ଥଣ୍ଡା ହେବା ପରେ ପରଷନ୍ତୁ ।



ଖବର

# 'ଲଢ଼େଇ'ର ସୁଟିଂ ଶେଷ



ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ ନୂଆ ଓଡ଼ିଆ ସିନେମା 'ଲଢ଼େଇ'ର ସୁଟିଂ ଶେଷ ହୋଇଛି। ଏହାର ଅଧିକାଂଶ ସୁଟିଂ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରଠାରେ କରାଯାଇଛି। ଏହି ସିନେମା ଜରିଆରେ ଓଲିଉଡ୍‌ରେ ନୂଆ ନାୟକ ଲୋହିତାକ୍ଷ ପଟ୍ଟନାୟକ ଓ ନବାଗତା ନାୟିକା ଅଭିଲିପ୍ସାଙ୍କ ଆଗମନ ଘଟିଛି। ଲୋହିତାକ୍ଷ ୨୦୦୮ରେ ମୁକ୍ତିଲାଭ କରିଥିବା ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଡ୍ରିମ୍ ଗାର୍ଲ'ରେ ପ୍ରଥମେ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ।ଏହାପରେ ତାଙ୍କୁ ୧୪ଟି ଓଡ଼ିଆ ଛବିରେ ଶିଶୁ କଳାକାର ଭାବେ ଦେଖିବାକୁ ମିଳିଥିଲା। ଲୋହିତାକ୍ଷ-ଅଭିଲିପ୍ସାଙ୍କ ବ୍ୟତୀତ ଏଥିରେ ବିଭାସ, କେ କେ ଓ ଉଦିତ ଗୁରୁ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଭରଦ୍ୱାଜ ପଣ୍ଡା 'ଲଢେ'ର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିବା ବେଳେ ଗୈରବ ଆନନ୍ଦ ଓ ସୋମେଶ ଶତପଥୀ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତ। ଏଣେ ପ୍ରଖ୍ୟାତ ବଲିଉଡ୍ ଅଭିନେତା ଆଶିଷ ବିଦ୍ୟାର୍ଥୀ 'ଲଢେ'ର ନାୟକ ଲୋହିତାକ୍ଷ ପଟ୍ଟନାୟକଙ୍କୁ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତ।

# ଏହି ସ୍ଥାନରେ ରଖନ୍ତୁ ଶଙ୍ଖ, ଟଙ୍କାରେ ଭରିଯିବ ଘରି

ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଶଙ୍ଖ ରହିବା ଶୁଭ ବୋଲି କୁହାଯାଏ। ଏଥିରେ ପରିବାରରେ ଖୁସି ଆସିବା ସହ ଶୁଭ ଖବର ମିଳିଥାଏ । ଶଙ୍ଖକୁ ଠାକୁରଘରେ ରଖିବା ଅଧିକ ଶୁଭ ବୋଲି ସମସ୍ତେ ମାନିଥାନ୍ତି । ଖାଲି ସେତିକି ନୁହେଁ, ଏହା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ । ଘରର ସମସ୍ତ ଆର୍ଥିକ ସମସ୍ୟା ଦୂର ହେବା ସହ ପରିବାରର ଆୟ ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏହିନ୍ଦୁ ଧର୍ମର ମାନ୍ୟତା ଅନୁସାରେ ଶଙ୍ଖ ମା ଲକ୍ଷ୍ମୀ ଏବଂ ବିଷ୍ଣୁଙ୍କ ଅତି ପ୍ରିୟ । ଠାକୁର ଘରେ ଶଙ୍ଖ ରଖିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଖେଳିଥାଏ ଏବଂ ପରିବାରରେ ଶାନ୍ତି ବିରାଜମାନ କରିଥାଏ । ବାସ୍ତୁ ଶାସ୍ତ୍ର ଅନୁସାରେ ଠାକୁରଘରେ ଥିବା ଜଳପାତ୍ର କେବେ ବି ଖାଲି ରଖିବା ଉଚିତ ନୁହେଁ । ଏମିତି ହେବା ଦ୍ୱାରା ନାନା ସମସ୍ୟା ଦେଖାଦେଇଥାଏ । ଏହି ପାତ୍ରରେ ତୁଳସୀ କିମ୍ବା ଗଙ୍ଗାଜଳ ରଖିବା ଉଚିତ।



# ଖଜୁରୀ ଖାଇବାର ଫାଇଦା

ଯଦି ଆପଣ ଡ଼ାଏଟରେ ମିଠା ଅନ୍ତର୍ଭୂକ୍ତ କରିବାକୁ ଚାହୁଁଛନ୍ତି ତେବେ ଏଥିରେ କିଛି ଭୁଲ ନାହିଁ। ଏହା ପରିବର୍ତ୍ତେ,ଆପଣ ଶକ୍ତି ପାଇବେ ଏବଂ ଫିଟ ଅନୁଭବ କରିବେ। ଯଦି ଆପଣ ଖଜୁର ଖାଇବାକୁ ପସନ୍ଦ କରନ୍ତି । ତେବେ ଏହା ଆପଣଙ୍କ ପାଇଁ ଅଧିକ ଖୁସି ଖବର। ଖଜୁର ଉଭୟ ଶରୀର ଏବଂ ମନ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

ଆପଣ ଜାଣନ୍ତି କି,ଗୋଟିଏ ସପ୍ତାହ ପାଇଁ ପ୍ରତିଦିନ ତିନିଟି ଖଜୁର ଖାଇ ଆପଣ ଅନେକ ରୋଗ ଦୂର କରିପାରିବେ। ଆସନ୍ତୁ ଜାଣିବା ପ୍ରତିଦିନ ଖଜୁର ଖାଇବାର ଉପକାର।

ଖଜୁରରେ କୋଲନ କର୍କଟ ହେବାର ଆଶଙ୍କା କମଥାଏ। ହଜମ ପାଇଁ ଖଜୁର ଭଲ ବୋଲି ବିବେଚନା କରାଯାଏ। ପ୍ରତିଦିନ ଖଜୁରୀ ଖାଇବା ପେଟକୁ ଠିକ ରଖେ ଏବଂ କ୍ଷତିକାରକ ଜୀବାଣୁ ମଧ୍ୟରେ ଦୂରରେ ରୁହନ୍ତି। ହଜମ ପ୍ରକିୟା ଠିକ ଭାବରେ ପରିଚାଳିତ ହେଲେ କୋଲନ କର୍କଟ ହେବାର ଆଶଙ୍କା କମିଯାଏ।

ଖଜୁରୀ ସବୁବେଳେ ଶକ୍ତି ଦେଇଥାଏ। ଖଜୁରୀ ଗୁଡ଼ିକରେ ପ୍ରାକୃତିକଚିନି,ଗ୍ଲୁକୋଜ,ଫ୍ରୁକଟୋଜ ଏବଂ ସୁକ୍ରୋଜ ଥାଏ। ଯାହାକି ଆପଣ ଯେତେବେଳେ ଆବଶ୍ୟକ କରନ୍ତି ଯେତେବେଳେ ଆବଶ୍ୟକ କରନ୍ତି ତୁରନ୍ତ ଶକ୍ତି ପ୍ରଦାନ କରନ୍ତି। ଖଜୁରୀ ଗୁଡ଼ିକରେ ଫାଇବର, ପୋଟାସିୟମ, ମାଗ୍ନେସିୟମ, ଭିଟାମିନ ଏବଂ ଆଣ୍ଟିଅକ୍ସିଡ଼ାଣ୍ଟ ଥାଏ ଯାହା ଶକ୍ତି ସ୍ତର ବଜାୟ ରଖେ।



ଡ଼ାଇଜେସନରେ ଉନ୍ନତି ଆଣିଥାଏ। ଯଦି ତୁମେ ତୁମର ହଜମ ପ୍ରକିୟାକୁ ଭଲ ରଖିବାକୁ ଚାହଁଛ, ତେବେ ଖଜୁରୀ ଖାଇବା ତୁମ ପାଇଁ ଏକ ଉତ୍ତମ ବିକଳ୍ପ। ଆପଣ କେବଳ ଗୋଟିଏ କପ ଖଜୁରୀରେ ୧୨ଗ୍ରାମ ଫାଇବର ପାଇବେ, ଯାହା ଆପଣଙ୍କର ନିୟମିତ ଖାଦ୍ୟରେ ୪୮ପ୍ରତିଶତ ଅଟେ।ଖଜୁରୀ ଗୁଡ଼ିକରେ ଭିଟାମିନ ବି୬ଥାଏ। ଯାହା ଶରୀରକୁ ସେରୋଟୋନିନ ଏବଂ ନୋରପାଇଫ୍ରିନ ତିଆରି କରିବାରେ ସାହାର୍ଯ୍ୟ କରିଥାଏ। ସେରୋଟୋର୍ନିନ ମନୋବଳକୁ ନିୟନ୍ତ୍ରଣ କରିଥାଏ ଏବଂ ନୋରପାଇଫ୍ରିନ ଶରୀରକୁ ଚାପକୁ ସାମ୍ନା କରିବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭିଟାମିନ ବି ୬ର ଅନବତି ମଧ୍ୟ ଅବସାଦର କାରଣ ହୋଇପାରେ।

# ସାବଧାନ! ରାତିରେ ଭାତ ଖାଇଲେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ



ଭାତ ଆମ ଦୈନନ୍ଦିନ ଖାଦ୍ୟ ତାଲିକାର ଏକ ପ୍ରମୁଖ ଉପାଦାନ। ଅଧିକାଂଶ ଲୋକ ଗୋଟିଏ ଦିନରେ ଏକାଧିକ ଥର ଭାତ ଖାଇଥାନ୍ତି। କିନ୍ତୁ ଜାଣନ୍ତି କି ରାତିରେ ଭାତ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ? ଭାତ ଖାଇବା ଦ୍ୱାରା ମେଦବହୁଳତା ବୃଦ୍ଧିପାଏ ବୋଲି ଜାଣିଥିବେ, କିନ୍ତୁ ଏହି କାରଣରୁ ଅନ୍ୟ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ହୋଇପାରେ। କେଉଁମାନେ ରାତିରେ ଭାତ ଖାଇବା ଅନୁଚିତ, ଜାଣନ୍ତୁ...

ମେଦବହୁଳତା ବୃଦ୍ଧି ହେବାର ଆଶଙ୍କା

ରାତିରେ ଭାତ ଖାଇବା ଦ୍ୱାରା ଓଜନ ବୃଦ୍ଧି ହେବାର ଆଶଙ୍କା ବଢିପାରେ। ଚାଉଳରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ବୃଦ୍ଧି କରିପାରେ। ଯଦି ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ରାତ୍ରି ଭୋଜନରେ ଭାତ ଖାଇବାଠୁ ଦୂରେଇ ରୁହନ୍ତୁ।

ମଧୁମେହ ରୋଗୀ

ମଧୁମେହ ରୋଗୀ ରାତିରେ ଆଦୌ ଭାତ ଖାଇବା କଥା ନୁହେଁୟ କାରଣ ଏଥିରେ ଶର୍କରା ଥାଏ। ଚାଉଳରେ ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବାରୁ ଏହା ରକ୍ତରେ ଶର୍କରା ସ୍ତରକୁ ଶୀଘ୍ର ବଢାଇପାରେ। ଏପରି ହେଲେ ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ବିଗିଡ଼ି ଯାଇପାରେ।

ହଜମ ପ୍ରକ୍ରିୟା ସମସ୍ୟା

ଯେଉଁମାନଙ୍କର ହଜମ ପ୍ରକ୍ରିୟାରେ ସମସ୍ୟା ଥିବ, ସେମାନେ ରାତିରେ ଭାରତ ଖାଆନ୍ତୁ ନାହ। କାରଣ ଭାତ ହଜମ ହେବାକୁ ଅଧିକ ସମୟ ନେଉଥିବା ବେଳେ ରାତିରେ ହଜମ ପ୍ରକ୍ରିୟା ମ୍ୟର ହୋଇଯାଏ। ଏପରି ସମସ୍ୟା ଥିବା ଲୋକେ ଯଦି ରାତିରେ ଭାତ ଖାଆନ୍ତି ତେବେ, ସେମାନଙ୍କର କୋଷ୍ଠକାଠିନ୍ୟ, ଅମ୍ଳତା ଏବଂ ଅନ୍ୟାନ୍ୟ ହଜମ ସମସ୍ୟା ହୋଇପାରେ।

ଆର୍ଥ୍ରାଇଟିସ୍ ରୋଗୀ

ଆର୍ଥ୍ରାଇଟିସ୍ ରୋଗୀ ରାତିରେ ଭାତ ଖାଇବା ଅନୁଚିତ। ଚାଉଳରେ ଏପରି ଉପାଦାନ ଥାଏ ଯାହା ଶରୀରରେ ପ୍ରଦାହକୁ ବଢାଇପାରେ, ଫଳରେ ଆର୍ଥ୍ରାଇଟିସ ରୋଗୀଙ୍କ ଯନ୍ତ୍ରଣା ବଢିଯାଇଥାଏ।

ଶୋଇବା ସମ୍ବନ୍ଧୀୟ ସମସ୍ୟା

ଭାତ ଖାଇବା ଦ୍ୱାରା ଶରୀରରେ ଟ୍ରାଇପ୍ଟୋଫାନର ପରିମାଣ ବଢିଯାଏ, ଯାହା ଶୋଇବାରେ ସାହାଯ୍ୟ କରିଥାଏ। ତଥାପି, ଏହା କିଛି ଲୋକଙ୍କଠାରେ ସମସ୍ୟା ସୃଷ୍ଟି କରିପାରେ ଏବଂ ସେମାନଙ୍କର ଶୋଇବା ଗୁଣ ଉପରେ ପ୍ରଭାବ ପକାଇପାରେ। ଯଦି ଶୋଇବା ସମସ୍ୟା ଅଛି, ତେବେ ରାତିରେ ଭାତ ଖାଇବାଠାରୁ ଦୂରେଇ ରୁହନ୍ତୁ।

ରାତିରେ କଣ ଖାଇପାରିବେ

ରାତିରେ ଚାଉଳ ବଦଳରେ ଶସ୍ୟଜାତୀୟ ଖାଦ୍ୟ, ଓଟ୍ସ କିମ୍ବା ଅନ୍ୟାନ୍ୟ ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଇପାରିବେ। ଏହା କେବଳ ହଜମ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ସ୍ୱାସ୍ଥ୍ୟକୁ ମଧ୍ୟ ଭଲ ରଖିବ।



# ବସିବା ଅଭ୍ୟାସ ଶରୀରକୁ ପହଞ୍ଚାଏ ହାନି

ସାଧାରଣତଃ ଆଜିକାଲିର ଯୁବପୀଢି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ବିଭିନ୍ନ ଚାଲିଚଳନକୁ ଆପଣାଇଥାନ୍ତି । ଅଧିକାଂଶ ଯୁବକଯୁବତୀ ଏବେ ବସିବା ସମୟରେ ସିଧା ହୋଇ ନବସି ଗୋଡ ଉପରେ ଗୋଡ ପକାଇ



କରି ବସୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର ଏହି ବସିବା ଷ୍ଟାଇଲ ଆପଣଙ୍କ ଶରୀରକୁ ହାନି ପହଞ୍ଚାଇଥାଏ । ଆସନ୍ତୁ ଜାଣିବା ଏପରି ବସିବା ଶରୀର ଉପରେ କ'ଣ ପ୍ରଭାବ ପକାଇଥାଏ ।

ପେଲଭିକ୍ ଇନବାଲାନ୍ସ: ଏପରି ବସିବା ଦ୍ୱାରା ମଣିଷ ଶରୀରର ପେଲଭିକ୍ ମାଂସପେଶୀ ଅସନ୍ତୁଳନ ହୋଇଥାଏ । ଏପରି ପ୍ରତିଦିନ ଅଧିକ ଘଣ୍ଟା ବସିବା ଦ୍ୱାରା ଜଘଂ ସଙ୍କଚିତ, ଫୁଲିବା ଇତ୍ୟାଦି ସମସ୍ୟା ଦେଖିବାକୁ ମିଳିଥାଏ ।

ବ୍ଲଡ ସର୍କୁଲେସନ ଉପରେ ପ୍ରଭାବ

ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା କେବଳ ବ୍ଲଡ ପ୍ରେସର ନୁହେଁ ବରଂ ବ୍ଲଡ ସର୍କୁଲେସନ ମଧ୍ୟ ପ୍ରଭାବିତ ହୋଇଥାଏ । ଏପରି ସ୍ଥିତିରେ ବସିବା ସମୟରେ ଦୁଇଟି ଯାକ ଗୋଡରେ ସମାନ ପରିମାଣରେ ବ୍ଲଡ ସକୁ୍ୟଲେସନ ହୋଇନଥାଏ । ଏହି କାରଣରୁ ଗୋଡ ଝିମିଝିମ୍ ହୋଇଯାଇଥାଏ ।

ବ୍ଲଡପ୍ରେସର ଉପରେ ପ୍ରଭାବ

ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା ରକ୍ତଚାପ ବଢିଥାଏ । ସେଥିପାଇଁ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଏପରି ପୋଜିସନରେ ବସିବା ଉଚିତ୍ ନୁହେଁ। ଏହାଛଡା ଯାହାର ରକ୍ତଚାପ ସମସ୍ୟା ନଥାଏ, ସେମାନେ ମଧ୍ୟ ଏପରି ସ୍ଥିତିରେ ବସନ୍ତୁ ନାହିଁ ।

ଲୋୟର ବ୍ୟାକ୍ ଯନ୍ତ୍ରଣା

ଆପଣ ବସିବା ଉଠିବା ସମୟରେ ଅଣ୍ଟାର ତଳ ଭାଗରେ ଯନ୍ତ୍ରଣା ହେଉଛି କି ? ଯଦି ଏପରି ହେଉଥାଏ, ତେବେ ଗୋଡ ଉପରେ ଗୋଡ ପକାଇ ବସନ୍ତୁ ନାହିଁ।

ଜଏଣ୍ଟ ପେନ୍

ଅଫିସରେ ୮ରୁ ୯ ଘଣ୍ଟା ଚେୟାରରେ ବସିବା ଦ୍ୱାରା ଗୋଡର ଗଣ୍ଠି ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଯଦି ଆପଣ ଏପରି ସମସ୍ୟାରେ ଗତି କରୁଥାନ୍ତି ଏବଂ ଯୋଗ, ବ୍ୟାୟାମ କରି ମଧ୍ୟ ଏହି ଯନ୍ତ୍ରଣା କମ୍ ହେଉନି । ତେବେ ଆପଣ ଗୋଡ ଉପରେ ଗୋଡ ପକାଇ ବସିବା ଅଭ୍ୟାସ ବନ୍ଦ କରିଦିଅନ୍ତୁ। ଏହାହିଁ ଜଏଣ୍ଟ ପେନର ପ୍ରମୁଖ କାରଣ ।

# କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ପ୍ରକଳ୍ପ ଡିପିଆର ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର,୨୨।୩ (ମହାଭାରତ):** ଓଡ଼ିଶାକୁ ଏକ ବୈଷୟିକ ଡିଜିଟାଲ ହବ୍ ରେ ପରିଣତ କରିବା ପାଇଁ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ପୁରୀ ଠାରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ସ୍ଥାପନ କରିବାକୁ ପଦକ୍ଷେପ ନେଉଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରାଜ୍ୟର ଡିଜିଟାଲ ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ସହ ଡାଟା ସେଣ୍ଟରରେ ନିବେଶକୁ ତ୍ୱରାନ୍ୱିତ କରିବ ଏବଂ ଉଚ୍ଚସ୍ତରୀୟ ପ୍ରଯୁକ୍ତିବିଦ୍ୟାକୁ ଆକୃଷ୍ଟ କରିବା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।




ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ରେଲଟେଲ ଏବଂ ଡେଲଏଟ୍ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ କରାଯାଉଥିବା ପ୍ରକଳ୍ପର ଡିପିଆର ଅଗ୍ରଗତି ସମୀକ୍ଷା କରିଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖିବା ସହ ଏହାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ହାଇପରସ୍କେଲର୍ସ ଏବଂ ଏଥି ସହିତ ଜଡ଼ିତ ପ୍ରମୁଖ ସଂସ୍ଥାମାନଙ୍କ ସହ ଶିଳ୍ପ ପରାମର୍ଶର ଆବଶ୍ୟକତା ଉପରେ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଥିଲେ। ଆଗାମୀ ତିନି ବର୍ଷ ମଧ୍ୟରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଉପରେ ଧ୍ୟାନ ଦେଇ ପ୍ରକଳ୍ପ ଅନୁମୋଦନ ପାଇଁ ଡିପିଆର ଶୀଘ୍ର ଦାଖଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ରାଜ୍ୟ ସରକାରଙ୍କ ଏକ ପ୍ରମୁଖପଦକ୍ଷେପ, ଯାହା ଇକୋସିଷ୍ଟମ୍ ବିକାଶ ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ ପରିକଳ୍ପନା କରାଯାଇଛି। ବ୍ୟବସାୟ, ପ୍ରଯୁକ୍ତିବିଦ୍ୟା କମ୍ପାନୀ ଏବଂ ଶ୍ରମଶକ୍ତି ପାଇଁ ବିପୁଳ ସୁଯୋଗ ଉନ୍ମୁକ୍ତ କରି ରାଜ୍ୟକୁ ଡିଜିଟାଲ୍ ପୁଞ୍ଜି ନିବେଶ କ୍ଷେତ୍ରରେ ଆକର୍ଷଣୀୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଏହି କେବୁଲ ଲ୍ୟାଣ୍ଡିଂ ଷ୍ଟେସନର ବିକାଶ ପାଇଁ ପୁରୀ ସବୁଠାରୁ ଉତ୍କୃଷ୍ଟ ସ୍ଥାନ ଭାବରେ ଉଭା ହୋଇଛି , ଯାହା ପ୍ରମୁଖ ଭୌଗୋଳିକ ସ୍ଥିତି, ଉପଯୁକ୍ତ ଉପକୂଳ, ଭବିଷ୍ୟତପାଇଁ ସୁଯୋଗ ଏବଂ ଦୃଢ ଭିତ୍ତିଭୂମି ଭଳି ପ୍ରମୁଖ ସୁବିଧା ପ୍ରଦାନ କରୁଛି। କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ସିଧାସଳଖ ଆନ୍ତର୍ଜାତୀୟ ଫାଇବର ସଂଯୋଗ ପ୍ରଦାନ କରିବା ସହ ବିଳମ୍ବ ହ୍ରାସ କରିବ, ଇଣ୍ଟରନେଟ୍ ବେଗରେ ଉନ୍ନତି ଆଣିବ ଏବଂ ହାଇପର୍ସ୍କେଲର୍, ଗ୍ଲୋବାଲ୍ କାପେବିଲିଟି ସେଣ୍ଟର (ଜିସିସି) ଏବଂ ଉଦ୍ୟୋଗ ପାଇଁ ଓଡ଼ିଶାର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଉଭା ହେବ। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ବିଶ୍ୱ ଡିଜିଟାଲ ନେଟୱାର୍କରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହେବାକୁ ଯାଉଛି, ଯାହା ଡାଟା ପରିଚାଳିତ ଅର୍ଥନୀତିରେ ଭାରତର ସ୍ଥିତିକୁ ମଜବୁତ କରିବ। ଏହା ସହିତ, କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ,ନିଯୁକ୍ତି ସୃଷ୍ଟି, ଗୋଷ୍ଠୀ ବିକାଶ ଏବଂ ସାମାଜିକ ସମାନତା ମାଧ୍ୟମରେ ସଶକ୍ତିକରଣରେ ସହାୟତା କରିବ। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ଓକାକର ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା, ରେଲଟେଲର ପ୍ରମୁଖ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଜାକିର ହୁସେନ୍ ସିଦ୍ଦିକି, ଓକାକର ବୈଷୟିକ ପରାମର୍ଶଦାତା (ଟେଲିକମ୍) ଅଭିନ୍ନ କୁମାର ପହି ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ, ରେଲଟେଲ ଏବଂ ଡେଲଏଟ୍ ର ଅଧିକାରୀଗଣ ଏହି ବୈଠକରେ ଉପସ୍ଥିତ ଥିଲେ।

# ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରକ୍ତଦାନ ଶିବିର

**ଭୁବନେଶ୍ୱର,୨୨।୩ (ମହାଭାରତ):** ଉଚ୍ଚଶିକ୍ଷା ବିଭାଗ ରାଜ୍ୟ ଏନ.ଏସ. ଏସ ଶାଖା ଏବଂ ବିଭାଗର ସାଂସ୍କୃତିକ ସଂଘର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଏହି ରକ୍ତଦାନ ଶିବିରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରେଡ଼କ୍ରସ ଆଂଚଳିକ ରକ୍ତଭଣ୍ଡାର, ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଛି। ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଆନୁଷ୍ଠାନିକ ଭାବରେ ରକ୍ତଦାନ ଶିବିରର ଉଦଘାଟନ କରିବା ସହିତ ନିଜେ ମଧ୍ୟ ରକ୍ତଦାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଅର୍ଥ ପରାମର୍ଶ ଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ମନୋରଞ୍ଜନ ନାୟକ, ସ୍ୱତନ୍ତ୍ର ଶାସନ ସଚିବ ପ୍ରମୋଦ କୁମାର ମିଶ୍ର, ଏନ. ଏସ. ଏସ ଏବଂ ରେଡ଼କ୍ରସ ସ୍ୱେଚ୍ଛାସେବୀମାନେ ଏହି ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାନ କରିଥିଲେ।




ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ରମାକାନ୍ତ ନାୟକ, ଅତିରିକ୍ତ ଶାସନ ସଚିବ ପ୍ରଶାନ୍ତ ମହାପାତ୍ର, ଯୁଗ୍ମ ଶାସନ ସଚିବ ଶ୍ରୀମତୀ ପ୍ରତିଭା ସାହୁ, ଉପ ଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ଏନଏସଏସ ଆଞ୍ଚଳିକ ଶାଖା ନିର୍ଦ୍ଦେଶକ ସୁଶ୍ରୀ ସରିତା ପଟେଲ, ଉଚ୍ଚଶିକ୍ଷା ବିଭାଗ ସାଂସ୍କୃତିକ ସଂଘର ସଭାପତି ସୌମ୍ୟ ରଞ୍ଜନ ବେହେରା ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ରକ୍ତଦାନ ଶିବିରରେ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ।

# ଖାଲି ପଡ଼ିଛି ୫ ହଜାର ୮୩୪ ଡାକ୍ତର ପଦବୀ

**ଭୁବନେଶ୍ୱର,୨୨।୩ (ମହାଭାରତ):** ଡାକ୍ତର ମରୁଡ଼ିରେ ରାଜ୍ୟରେ ଚାଲିଛି ଚିକିତ୍ସା ସେବା। ଫାଙ୍କା ପଡ଼ିଛି ୫ ହଜାର ୮୩୪ ଡାକ୍ତର ପଦବୀ। ଏପରିକି ବିଶେଷଜ୍ଞ ଡାକ୍ତର ପଦବି ମଧ୍ୟରୁ ୫୫ ଭାଗ ଖାଲି ପଡ଼ିଛି। ରାଜ୍ୟରେ ଯେତିକି ଡାକ୍ତର ଅଛନ୍ତି, ସେମାନଙ୍କ ମଧ୍ୟରୁ ଦୀର୍ଘଦିନ ହେଲା ଛୁଟିରେ ଅଛନ୍ତି ୧୯୬ ଜଣ। ବିଧାନସଭାରେ ଏହାକୁ ସ୍ୱୀକାର କରିଛନ୍ତି ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ। ଅନ୍ୟପକ୍ଷରେ ଡାକ୍ତର ସଂଘ କହିଛି, ଡାକ୍ତର ପଦବି ପୂରଣ ଲାଗି ସରକାରଙ୍କ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ଦାୟୀ। ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ଅଧା ଡାକ୍ତର ପଦବି ଖାଲି ପଡ଼ିଛି। ଏଠାରେ ୧୪୦ ଡାକ୍ତର ପଦବୀ ମଞ୍ଜୁର ହୋଇଥିବା ବେଳେ ଅଛନ୍ତି ମାତ୍ର ୭୨ ଜଣ। ଆନାସ୍ଥେସିଆ, ହୃଦରୋଗ, ଛାତିରୋଗ ଭଳି ବିଭାଗରେ ଜଣେ ବି ବିଶେଷଜ୍ଞ ଡାକ୍ତର ନାହାନ୍ତି। ସେହିପରି ପୂରା ଜିଲ୍ଲାରେ ୩୮୫ ଜଣ ଡାକ୍ତର ପଦବି ଥିବା ବେଳେ ଅଛନ୍ତି ମାତ୍ର ୧୫୧ ଜଣ। ଅର୍ଥାତ୍ ଖାଲି ପଡ଼ିଛି ୬୧ ଭାଗ ଡାକ୍ତର ପଦବି। ନୟାଗଡ଼ ଜିଲ୍ଲାର ବିଭିନ୍ନ ବିଭାଗରେ ୮୨ଟି ବିଶେଷଜ୍ଞ ଡାକ୍ତର ପଦବୀ ରହିଥିବା ବେଳେ ଅଛନ୍ତି ମାତ୍ର ୩ ଜଣ। ୭୯ ବିଶେଷଜ୍ଞ ଡାକ୍ତର ପଦବି ଫାଙ୍କା ପଡ଼ିଛି। ଜିଲ୍ଲାରେ ମେଡିସିନ୍, ସ୍ତ୍ରୀ ରୋଗ, ଶିଶୁ, ସର୍ଜରୀ, ଆନାସ୍ଥେସିଆ, ଆଖି, ଅସ୍ଥିଶଲ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜଣେ ହେଲେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ସାରା ରାଜ୍ୟରେ ଡାକ୍ତର ଅଭାବର ସମାନ ଚିତ୍ର। ଡାକ୍ତର ମରୁଡ଼ିରେ ଚାଲିଛି ସରକାରୀ ଡାକ୍ତରଖାନା। ବିଧାନସଭାରେ ବି ଏହାକୁ ସ୍ୱୀକାର କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଲିଖିତ ଉତ୍ତରରେ କହିଛନ୍ତି, ରାଜ୍ୟରେ ୩୭ ପ୍ରତିଶତ ବା ୫ ହଜାର ୮୩୪ ଡାକ୍ତର ପଦବି ଫାଙ୍କା ପଡ଼ିଛି। ରାଜ୍ୟରେ ମୋଟ ୧୫ ହଜାର ୭୭୪ ମଞ୍ଜୁରପ୍ରାପ୍ତ ଡାକ୍ତର ପଦବି ଥିବା ବେଳେ କାର୍ଯ୍ୟରତ ଅଛନ୍ତି ମାତ୍ର ୯ ହଜାର ୯୪୦ ଡାକ୍ତର। ସେହିଭଳି ବିଶେଷଜ୍ଞ ଡାକ୍ତର କ୍ଷେତ୍ରରେ ସ୍ଥିତି ଅତି ସଙ୍ଗୀନ। ଫାଙ୍କା ପଡ଼ିଛି ୧ ହଜାର ୫୪୦ ବିଶେଷଜ୍ଞ ଡାକ୍ତର ପଦବି। ଅନ୍ୟ ଏକ ଲିଖିତ ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ନିଯୁକ୍ତ ହୋଇଥିବା ଡାକ୍ତରଙ୍କ ମଧ୍ୟରୁ ୧୯୬ ଜଣ ଦୀର୍ଘଦିନ ହେଲା ଛୁଟିରେ ଅଛନ୍ତି। ସରକାରୀ ନିୟମ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଛି। ଓଡ଼ିଶା ମେଡିକାଲ୍ ସର୍ଭିସ ଆସୋସିଏସନ୍-ଓମ୍ସା କହିଛି, ଡାକ୍ତର ପଦବି ପୂରଣ ଲାଗି ସଂଘ ବାରମ୍ବାର ସରକାରଙ୍କୁ ଦାବି କରିଆସୁଛି। ହେଲେ କୌଣସି ସୁଫଳ ମିଳୁନି। ରୋଗୀ-ଡାକ୍ତର ଅନୁପାତ ଢେର ଅଧିକ ରହୁଥିବାରୁ ବହୁ ସମୟରେ ଡାକ୍ତରମାନେ ଚାପରେ ରହୁଛନ୍ତି। ଅନ୍ୟପଟେ ନିକଟରେ ୫ ହଜାର ୨୪୮ ଡାକ୍ତର ପଦବି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ, ସେଥିରେ ଅଣସଂରକ୍ଷିତ ବର୍ଗ ଲାଗି ମାତ୍ର ୪୧୧ ଓ ଏସଇବିସି ବର୍ଗ ପାଇଁ ୭୩୬ଟି ପଦବି ରହିଛି।

# କ୍ରୀଡ଼ାବିତମାନେ ହେଉଛନ୍ତି ଆମ ଗର୍ବ ଓ ଗୌରବ

**ଭୁବନେଶ୍ୱର,୨୨।୩ (ମହାଭାରତ):** ଆମ କ୍ରୀଡ଼ାବିତମାନେ ହେଉଛନ୍ତି ଆମ ଗର୍ବ ଓ ଗୌରବ। ଓଡ଼ିଶାର କ୍ରୀଡ଼ାବିତମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ମାଧ୍ୟମରେ ଆମକୁ ଗୌରବାନିତ୍ୱ କରିଛନ୍ତି। ଆମ କ୍ରୀଡ଼ାବିତମାନଙ୍କ ପାଇଁ ଓଡ଼ିଶା ଆଜି ବିଶ୍ୱସ୍ତରରେ କ୍ରୀଡ଼ାକ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆଗକୁ ମଧ୍ୟ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାମାନଙ୍କରେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ଦ୍ୱାରା ଆମ କ୍ରୀଡ଼ାବିତମାନେ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ପଦକ ହାସଲ କରିଥିବା ସଫଳ କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ୨୪ଟି କ୍ରୀଡ଼ା ବର୍ଗରେ ପ୍ରାୟ ୧୬୫ କ୍ରୀଡ଼ାବିତମାନଙ୍କୁ ୬୬ ଲକ୍ଷରୁ ଉର୍ଦ୍ଧ୍ୱ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଆଥଲେଟିକ୍ସ, ଚେସ୍, ସାଇକ୍ଲିଙ୍ଗ, ହକି, କରାଟେ, ଖୋଖୋ, ରୋଲ ବଲ୍, ରଗବୀ, ଶୁଟିଙ୍ଗ, ସଫ୍ଟ ବଲ୍, ସନ୍ତରଣ, ଟାଇକୋଣ୍ଡୋ, ଟେନିସ, ପେଣ୍ଟାଥଲନ, ଭାରତ୍ତୋଳନ, ଉସୁ, ଟ୍ରାଇଥଲନ୍, ପାରା-ଜୁଡୋ, ପାରା-ସନ୍ତରଣ ଆଦି ସର୍ବମୋଟ ୨୪ଟି କ୍ରୀଡ଼ାବର୍ଗର କ୍ରୀଡ଼ାବିତମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ୮ଜଣ ପର୍ବତାରୋହୀ (ପ୍ରତ୍ୟେକ ପର୍ବତାରୋହୀଙ୍କୁ




୨ ଲକ୍ଷ ଟଙ୍କା ଲେଖାଏଁ) ସମ୍ବର୍ଦ୍ଧନା ପୁରସ୍କାର ରାଶି ମଧ୍ୟ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା କ୍ରୀଡ଼ାବିତମାନେ ମଧ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ସମ୍ବର୍ଦ୍ଧନା ପୁରସ୍କାର ରାଶି ପାଇ ନିଜର ଖୁସିବ୍ୟକ୍ତ କରିବା ସହିତ ଏହା ଆଗାମୀ ଦିନରେ ସେମାନଙ୍କୁ ଆହୁରି ଭଲ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମତପ୍ରକାଶ କରିଛନ୍ତି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ହେଉଛି ଆମର ପ୍ରାଥମିକତା। ଏଥିପାଇଁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯାଉଛି। ଏଥିସହିତ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ା ପ୍ରତିଭାର ବିକାଶ ଯେପରି ହୋଇପାରିବ ଓ ଓଡ଼ିଶାର ପ୍ରତିଟି ବ୍ଲକ ଏବଂ ପ୍ରତିଟି ଗାଁରୁ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ ତାହା ଆମର ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତବ୍ୟକ୍ତ କରିଛନ୍ତି।

# ଅଯୋଧ୍ୟା- ବାରଣାସୀ ଯାତ୍ରା କଲେ ୭୭୫ ଜଣ ବରିଷ୍ଠ ନାଗରିକ

**ଭୁବନେଶ୍ୱର,୨୨।୩ (ମହାଭାରତ):** ବରିଷ୍ଠ ନାଗରିକମାନଙ୍କ ଧାର୍ମିକ ଆକାଂକ୍ଷା ପୂରଣ କରିବା ନିମନ୍ତେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଏକ ଅନନ୍ୟ କାର୍ଯକ୍ରମ। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ସପ୍ତମ ପର୍ଯ୍ୟାୟରେ ୬ ଟି ଜିଲ୍ଲା ଯଥା ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ାରୁ ୭୭୫ ଜଣ ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଓ ବାରଣାସୀ ଯାତ୍ରା କରି ଶ୍ରୀ ରାମଲାଲଙ୍କ ଆଶୀର୍ବାଦ ପ୍ରାପ୍ତ କରିବେ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ସପ୍ତମ ପର୍ଯ୍ୟାୟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଛନ୍ତି।

ବୁଧବାର ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରେଳବାଇର ସହଭାଗିତାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ସପ୍ତମ ପର୍ଯ୍ୟାୟରେ ୭୭୫ ଜଣ ବରିଷ୍ଠ ନାଗରିକ ଓ ୨୫ ଜଣ ପ୍ରଶାସନିକ ଅଧିକାରୀ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଉତରପ୍ରଦେଶର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜୟବୀର ସିଂ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଏହି ଯାତ୍ରା ଉତରପ୍ରଦେଶ ଓ ଓଡ଼ିଶାର ସଂସ୍କୃତି ବିନିମୟ କାର୍ଯ୍ୟକ୍ରମକୁ ତ୍ୱରାନିତ କରିବ। ଉତରପ୍ରଦେଶରେ




ଅନୁଷ୍ଠିତ ମହାକୁମ୍ଭରେ ଓଡ଼ିଶାର ବହୁ ଶ୍ରଦ୍ଧାଳୁ ଭକ୍ତି ଓ ବିଶ୍ୱାସରେ ବୁଡ ମାରିଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ଉତରପ୍ରଦେଶ ଓ ଓଡ଼ିଶାର ସଂସ୍କୃତିର ବିକାଶରେ ବିକଶିତ ଭାରତ ୨୦୪୭ ର ସ୍ୱପ୍ନ ପୂରଣ ହେବ ବୋଲି ସେ ଦୃଢ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ କହିଲେ ଯେ ମନରେ ସ୍ୱପ୍ନ ଦେଖୁଥିବା ଓ ଆର୍ଥିକ ସମସ୍ୟା ଦେଇଯାଉଥିବା ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାର ସୁଯୋଗ ପ୍ରଦାନ କରିବା ଏକ ଅଭିନବ ଉଦ୍ୟମ। ବରିଷ୍ଠ ନାଗରିକମାନଙ୍କ ଆଶୀର୍ବାଦରେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହେଉ ବୋଲି ସେ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଉପସ୍ଥିତ ଥିଲେ। ଏହା ସହ ଖୋର୍ଦ୍ଧା ଜିଲ୍ଲା ଜିଲ୍ଲାପାଳ ଚଂଚଳ ରାଣା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଶ୍ରୀମତୀ ମାନସୀ ନାମ୍ବିଆ, ଅତିରିକ୍ତ ସଚିବ ବାଳମୁକୁନ୍ଦ ଭୂୟାଁ ଓ ରେଳବାଇର ଅଧିକାରୀ ବୃନ୍ଦ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଉପ-ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବ୍ରିଟିଶ ହାଇ କମିଶନର

**ଭୁବନେଶ୍ୱର,୨୨।୩ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ନିଜ ଲୋକସେବା ଭବନର କାର୍ଯ୍ୟାଳୟରେ ବ୍ରିଟିଶ ହାଇ କମିଶନର ମିଷ୍ଟର ଆଣ୍ଡ୍ର୍ୟୁ ଫ୍ଲେମିଙ୍ଗଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାରରେ ମିଷ୍ଟର ଫ୍ଲେମିଙ୍ଗ ଓଡ଼ିଶା ପର୍ଯ୍ୟଟନ ସହ ଓଡ଼ିଶା ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଓଡ଼ିଶାର କ୍ରୀଡା ଓ ପର୍ଯ୍ୟଟନ ବିକାଶ ଅନ୍ୟ ସମସ୍ତ ଦେଶ ପାଇଁ ପ୍ରେରଣାର ଉତ୍ସ ବୋଲି ସେ ଉଲ୍ଲେଖ କରିଥିଲେ। ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଓଡ଼ିଶାର ଅଂଶଗ୍ରହଣକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ଏହି ଆଲୋଚନାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଓଡ଼ିଶା ପର୍ଯ୍ୟଟନ ଭିତ୍ତିଭୂମି ର ବିକାଶ ଉପରେ ବିଶେଷ ଆଲୋକପାତ କରିବା ସହ ରାଜ୍ୟର ମହିଳା ମାନଙ୍କ ପାଇଁ ଦକ୍ଷତା ବିକାଶ କେନ୍ଦ୍ରିକ ତାଲିମ କାର୍ଯ୍ୟକ୍ରମ ଉପରେ ଗୁରୁ ଦେଇଥିଲେ। ଶିଶୁ ଶ୍ରମିକ ଓ ମହିଳା ଓ ଶିଶୁ ଚୋରା ଚାଲାଣ ରୋକିବା ପାଇଁ ସହଭାଗିତାରେ କାର୍ଯ୍ୟ କରିବା ନିମନ୍ତେ ଏହି ଆଲୋଚନାରେ ଗୁରୁ ଦିଆଯାଇଥିଲା ।



# ରାଜ୍ୟରେ ୮ ଲୁଗାକଳ ଅଚଳ

**ଭୁବନେଶ୍ୱର,୨୨।୩ (ମହାଭାରତ):** ରାଜ୍ୟରେ ସମବାୟ କ୍ଷେତ୍ରରେ ମୋଟ୍ ୭ଟି ସୂତାକଳ ପ୍ରତିଷ୍ଠା ହୋଇଥିବାବେଳେ ବର୍ତ୍ତମାନ ସେଥିରୁ ଗୋଟିଏ ହେଲେ କାର୍ଯ୍ୟକ୍ଷମ ସ୍ଥିତିରେ ନାହିଁ। ସେହିଭଳି ୮ଟି ଲୁଗାକଳ ମଧ୍ୟ ବନ୍ଦହୋଇ ଯାଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ ୭ଟି ସୂତାକଳ ଓ ୮ଟି ଲୁଗାକଳ କାର୍ଯ୍ୟକ୍ଷମ ନଥିବାବେଳେ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ୫ଟି ସମବାୟ ଚିନିକଳ ମଧ୍ୟରୁ ୪ଟି ଚିନି କଳ ବନ୍ଦହୋଇ ଯାଇଛି। ଏହି ବନ୍ଦ ଚିନିକଳ ମଧ୍ୟରୁ ବରଗଡ ଠାରେ ପ୍ରତିଷ୍ଠା ହୋଇଥିବା ସମବାୟ ଚିନିକଳଟି କ୍ରମାଗତ କ୍ଷତି, ଯନ୍ତ୍ରାଂଶଗୁଡିକ ଅତି ପୁରାତନ ଏବଂ ସମୟକ୍ରମେ ବ୍ୟବହାର ଯୋଗ୍ୟ ହୋଇ ରହିବା, ବିଭିନ୍ନ ପ୍ରତିକୂଳ କାରଣ ଯୋଗୁଁ ଏହି ଚିନିକଳକୁ ଇତି ମଧ୍ୟରେ ସମାପନ କରାଯାଇଛି । ବର୍ତ୍ତମାନ ଚାଲିଥିବା ଆସିକା ସମବାୟ ଚିନିଶିଳ୍ପକୁ ସମୃଦ୍ଧ କିରବାପାଇଁ ରାଜ୍ୟ ସରକାର ୪୭କୋଟି ୩୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି।

ସେହିପରି ନୟାଗଡ, ବଡମ୍ବା ଓ ବଲାଙ୍ଗିରି ଠାରେ ଥିବା ସମବାୟ ଚିନିକଳଗୁଡିକର ଆଇନ୍‌ଗତ ପ୍ରକ୍ରିୟାରେ ବିଚାରାଧିନ ଅଛି । ବରଗଡଠାରେ ମାର୍କଫେଡ୍‌ର ଏକ ସାର କାରଖାନା ଥିଲା ଏବଂ ୨୦୦୭ ରୁ ତାହା ବନ୍ଦହୋଇ ଯାଇଛି । ସମବାୟ କ୍ଷେତ୍ରରେ ଥିବା ୧୮ଟି ଶୀତଳଭଣ୍ଡାର ମଧ୍ୟରୁ ୧୪ଟି ଅଚଳ ହୋଇଯାଇଛି ।

# ରାଜ୍ୟପାଳଙ୍କୁ ଭେଟିଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର,୨୨।୩ (ମହାଭାରତ):** ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ବୁଧବାର ରାଜଭବନରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟିଙ୍କୁ ସାକ୍ଷାତ କରିଛନ୍ତି।



ଏହି ଅବସରରେ, ଡ. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍‌ସ ଭୁବନେଶ୍ୱରରେ ରୋଗୀ ସେବା ସହିତ ଜଡିତ ଅନେକ ପ୍ରମୁଖ ବିକାଶମୂଳକ ପ୍ରସଙ୍ଗ ବିଷୟରେ ଅବଗତ କରାଇଥିଲେ। ଡ. ବିଶ୍ୱାସ ଅନୁଷ୍ଠାନରେ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟସେବା ସେବାକୁ ଆହୁରି ଉନ୍ନତ କରିବା ପାଇଁ ଜାରି ରହିଥିବା ବିଭିନ୍ନ ପଦକ୍ଷେପ ଏବଂ ରଣନୀତି ଉପରେ ମଧ୍ୟ ଆଲୋଚନା କରିଥିଲେ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ସ୍ୱାସ୍ଥ୍ୟସେବା ପ୍ରତି ଏମ୍‌ସ ଭୁବନେଶ୍ୱର ଗ୍ରହଣ କରିଥିବା ବ୍ୟାପକ ଏବଂ ସାମଗ୍ରିକ ଆଭିମୁଖ୍ୟ ଏବଂ ସମାଜ ଉପରେ ଏହାର ସକାରାତ୍ମକ ପ୍ରଭାବ ପାଇଁ ପ୍ରଶଂସା କରିଥିଲେ। ରାଜ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଆଗକୁ ବଢ଼ାଇବାରେ ରାଜ୍ୟପାଳ ଏପରି ପ୍ରତିଷ୍ଠାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଗବେଷଣାରେ ଅବଦାନ ପାଇଁ ଏମ୍‌ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ।

ଦେଶର ଜଣେ ବିଶିଷ୍ଟ ଶିକ୍ଷାବିତ ତଥା ଓଡ଼ିଶାର ରାଜ୍ୟପାଳଙ୍କ ସହିତ ହୋଇଥିବା ଏହି ପ୍ରେରଣାଦାୟୀ ବୈଠକରେ ସ୍ୱାସ୍ଥ୍ୟସେବା ଏବଂ ବିକାଶ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି।

ଏହି ବୈଠକରେ ଏମ୍‌ସ ଭୁବନେଶ୍ୱର ଡିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର ମଧ୍ୟ ଉପସ୍ଥିତ ଥିଲେ।

# ବନାଗ୍ନି ନିରାକରଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୨।୩ (ମହାଭାରତ):** ଆଗାମୀ ଗ୍ରୀଷ୍ମ ପ୍ରବାହ ସମୟରେ ରାଜ୍ୟରେ ଜଙ୍ଗଲଗୁଡ଼ିକୁ ଅଗ୍ନି ଦାଉରୁ ରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ବହୁବିଧ ବନାଗ୍ନି ନିରାକରଣ କାର୍ଯ୍ୟକ୍ରମଗୁଡ଼ିକ ଗ୍ରହଣ କରିଛନ୍ତି। ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ଜିଲ୍ଲାରେ ଜିଲ୍ଲା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ସମସ୍ତ ବନଖଣ୍ଡରେ ଜଙ୍ଗଲ ଅଗ୍ନି ପ୍ରତିରୋଧକ ବାହିନୀ ପାଇଁ ଅଗ୍ନି ସଚେତନତା ସଭା ଏବଂ ପ୍ରଶିକ୍ଷଣ ସହିତ ମକ୍ ଡ୍ରିଲ୍ ସମ୍ପନ୍ନ ହୋଇସାରିଛି। ଜଙ୍ଗଲ ଅଗ୍ନି ପ୍ରତିରୋଧକ ଏବଂ ନିୟନ୍ତ୍ରଣ ପାଇଁ ନୂତନ ଅଗ୍ନି ରେଖା ସୃଷ୍ଟି କରାଯାଇଛି ଏବଂ ପୁରାତନ ଅଗ୍ନି ରେଖାର ରକ୍ଷଣାବେକ୍ଷଣ କରାଯାଇଛି । ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ବନଖଣ୍ଡରେ ଅଗ୍ନି ପ୍ରତିରୋଧକ ବାହିନୀ ସହିତ ଯାନବାହନ ନିୟୋଜିତ ହୋଇଛନ୍ତି। ଅଗ୍ନି ପ୍ରତିରୋଧକ ବାହିନୀର ସଦସ୍ୟମାନଙ୍କୁ ଅଗ୍ନି ସୁରକ୍ଷା ଉପକରଣ ଏବଂ କିଟ୍ ପ୍ରଦାନ କରାଯାଇଛି। ଜଙ୍ଗଲ ଅଧିକାରୀ ଏବଂ ଅନ୍ୟାନ୍ୟ ସମ୍ବନ୍ଧୀୟ ବିଭାଗୀୟ କର୍ମଚାରୀଙ୍କୁ ଏଫଏସଆଇ ପୋର୍ଟାଲରେ ଜଙ୍ଗଲ ଅଗ୍ନି ସତର୍କତା ପାଇଁ ପଞ୍ଜିକୃତ କରାଯାଇଛି। ଜଙ୍ଗଲ ଅଧିକାରୀମାନେ ଓଏଫଏସ୍ଏମ ମୋବାଇଲ ଆପ୍ ବ୍ୟବହାର କରି ଜଙ୍ଗଲ ଅଗ୍ନି ସତର୍କତା ଗ୍ରହଣ ଏବଂ ପ୍ରତିକ୍ରିୟା କରନ୍ତି। ଜଙ୍ଗଲ ଅଗ୍ନି ପ୍ରତିରୋଧକ ଏବଂ ନିୟନ୍ତ୍ରଣ ପାଇଁ ରାଜ୍ୟ ବନ ବିଭାଗ ମୁଖ୍ୟାଳୟ ଏବଂ ବନଖଣ୍ଡ ମୁଖ୍ୟାଳୟ ସ୍ତରରେ ଏକ ୨୪ଘଂ ୭ ନିୟନ୍ତ୍ରଣ କକ୍ଷ କାର୍ଯ୍ୟରତ ରହିଛି ।

# ପାରଦ ଉପରମୁହାଁ

ଳିତ ବର୍ଷ ମାର୍ଚ୍ଚ ଆରମ୍ଭରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ୩୮ ଡିଗ୍ରୀ ଟପିଛି। ଅତୀତରେ ମାର୍ଚ୍ଚରେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀର ଟପିବାର ନଜିର ରହିଛି। କିନ୍ତୁ ଏଥର ମାର୍ଚ୍ଚରେ ପାରଦ ଉପରମୁହାଁ ହେବାରେ କିଛି ଅସ୍ୱାଭାବିକତା ଅଛି। ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏବେ ଏକ ଚର୍ଚ୍ଚିତ ପ୍ରସଙ୍ଗ। ଏହା ଉପରେ ସାରା ବିଶ୍ୱରେ ଅନେକ ଚର୍ଚ୍ଚା, ବିତର୍କ ଏବଂ ଗବେଷଣା ମଧ୍ୟ ଚାଲିଛି। ଜଳବାୟୁରେ ଅସ୍ୱାଭାବିକତା ଯୋଗୁ ଋତୁ ପରିବର୍ତ୍ତନଠାରୁ ଆରମ୍ଭ କରି ଅନେକ କିଛି ପ୍ରଭାବିତ ହେଉଛି। ଅନେକ ସମୟରେ ଅଦିନିଆ ବର୍ଷା, ବାତ୍ୟା, ତାପମାତ୍ରା ବୃଦ୍ଧି ଦେଖିବାକୁ ମିଳୁଛି। ମରୁଭୂମିରେ ବନ୍ୟା ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ଯେଉଁଠି ବରଫ ଜମି ରହିଥିଲା ତାହା ତରଳିବା ଦେଖାଯାଉଛି। ଯେଉଁଠି ଦିନର ସର୍ବାଧିକ ତାପମାତ୍ରା ୩୫/୩୬ ଡିଗ୍ରୀରୁ ଅଧିକ ହୁଏନି, ସେଠାରେ ଏବେ ତାପମାତ୍ରା ୪୨ରୁ ୪୫ ଡିଗ୍ରୀ ରେକର୍ଡ କରାଯାଉଛି। ବର୍ଷ ତମାମ ବିଶ୍ୱବ୍ୟାପି ଅନେକ ସ୍ଥାନରେ ବଡ଼ ବାତ୍ୟା ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ପବନର ବେଗ ୨୦୦ କିମିରୁ ଅଧିକ ରହୁଛି। ଏସବୁକୁ ପ୍ରାକୃତିକ ବିପର୍ଯ୍ୟୟ ବୋଲି କୁହାଯାଇପାରେ। ପରିବେଶ ପ୍ରଦୂଷଣ ଯୋଗୁ ତାପମାତ୍ରା ବୃଦ୍ଧି, ଅବିଚାରିତ ଭାବେ ଜଙ୍ଗଲ ଧ୍ୱଂସ ଏହାର ପ୍ରମୁଖ କାରଣ। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ କଂକ୍ରିଟ ଜଙ୍ଗଲ, ଗାଡ଼ି ମୋଟରର ସଂଖ୍ୟା ବୃଦ୍ଧି ପାଉଛି। ଏହା ଫଳରେ ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଉଛି। ଏହା ଫଳରେ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏଥର ଓଡ଼ିଶାରେ ଜାନୁଆରୀ ମାସରେ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଛି। ଶୀତ ଋତୁ ବିଳମ୍ବରେ ଆସିଲା। ଡିସେମ୍ବର ଅଧା ପର୍ଯ୍ୟନ୍ତ ସେଭଳି ଶୀତ ଅନୁଭୂତ ହେଲା ନାହିଁ। କିଛି ଦିନ ପରେ ଶୀତ ଟିକେ ଲାଗିଲା। କିନ୍ତୁ ତାହା କ୍ଷଣସ୍ଥାୟୀ ବା ଅତି ଅଳ୍ପ ଦିନ ଅନୁଭୂତ ହେଲା। ଜାନୁଆରୀଅଧାରେ ଶୀତ ପୁରା ଗାଏବ ହୋଇଗଲା। ଅନେକ ସମୟରେ ଏଭଳି ସ୍ଥିତି ଅନୁଭବ କରାଯାଏ। କିନ୍ତୁ ପୁଣି ଶୀତ ପ୍ରବାହ ଫେରିଥାଏ। କିନ୍ତୁ ଚଳିତ ବର୍ଷ ଜାନୁଆରୀ ୧୫ ପରେ ଶୀତ ଗାଏବ ହୋଇଗଲା। ଆଭ୍ୟନ୍ତରୀଣ ବା ପାହାଡ଼ିଆ ଅଞ୍ଚଳରେ କିଛିଟା ଶୀତ ଅନୁଭବ କରାଯାଉଛି। କିନ୍ତୁ ଉପକୂଳ ଓଡ଼ିଶାରେ ଶୀତ ସମ୍ପୂର୍ଣ୍ଣ ଗାଏବ ହୋଇଯାଇଛି। ସାଧାରଣତଃ ଓଡ଼ିଶାରେ ଶୀତ ଋତୁ ବା ଥଣ୍ଡା ସମୟ କହିଲେ ନଭେମ୍ବର ୧୫ରୁ ଫେବୃଆରୀ ୧୫ ପର୍ଯ୍ୟନ୍ତ ସମୟକୁ ବୁଝାଏ। କିନ୍ତୁ ଏବେ ଡିସେମ୍ବର ପର୍ଯ୍ୟନ୍ତ ଶୀତ ଆସୁନି, ଆଉ ଜାନୁଆରୀ ୧୫ରୁ ଶତ ଚାଲିଯାଉଛି। ଏଥର ଫେବୃଆରୀ ୧୫ ପର୍ଯ୍ୟନ୍ତ ଆଉ ଅପେକ୍ଷା କରିବାକୁ ପଡ଼ିବନି। ଏହାର ଯଥେଷ୍ଟ ପୂର୍ବରୁ ଓଡ଼ିଶାରେ ବସନ୍ତ ଆସିଗଲାଣି। ଦିନର ତାପମାତ୍ରା ସ୍ୱାଭାବିକ ସ୍ତରଠାରୁ ପ୍ରାୟ ୫ ଡିଗ୍ରୀ ଅଧିକ ରହିଛି। ରାତିରେ ସର୍ବନିମ୍ନ ତାପମାତ୍ରା ମଧ୍ୟ ଯଥେଷ୍ଟ ଅଧିକ ରହୁଛି। ଦିନ ଓ ରାତିର ତାପମାତ୍ରାରେ ବଡ଼ ପାର୍ଥକ୍ୟ ଯୋଗୁ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ଏଥର ରାଜ୍ୟରେ ଗ୍ରୀଷ୍ମପ୍ରବାହରେ ମଧ୍ୟ ଅସ୍ୱାଭାବିକତା ଦେଖାଯିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଟପିଯାଇପାରେ। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ସର୍ବଦା ତାପମାତ୍ରା ଅଧିକ ରହିଥାଏ। କିନ୍ତୁ ଗତ କିଛି ବର୍ଷ ଭିତରେ ଉପକୂଳ ଓଡ଼ିଶା ବିଶେଷ କରି ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ସାରା ଦେଶରେ ସର୍ବାଧିକ ରହୁଛି। ପୂର୍ବରୁ ଭୁବନେଶ୍ୱର ଏକ ପ୍ରକାର ଶୈଳ ନିବାସ ଭଳି ଥିଲା। କିନ୍ତୁ ଏବେ ଭୁବନେଶ୍ୱର ଏକ ପ୍ରକାର ପ୍ରେସର କୁକରରେ ପରିଣତ ହୋଇଛି। ଭୟଙ୍କର ଗ୍ରୀଷ୍ମପ୍ରବାହ ସହିତ ଅସହ୍ୟ ଗୁଳିଗୁଳିରେ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏଥର ପରିସ୍ଥିତି ଆହୁରି ଅସହ୍ୟ ହୋଇପାରେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପରେ ଅନେକ ସମୟରେ ବଡ଼ ବାତ୍ୟା ଦେଖିବାକୁ ମିଳୁଛି।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି


॥ ପ୍ରଫେସର ହୃଦୟନାଥ ଥାଟୋଇ ॥


ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଟ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଟ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍‌ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟିରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନୋଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିକ୍ଷିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଂଟରପ୍ରେନୁୟର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।


ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।



“ ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।


# ସତ୍ୟନାରାୟଣ ପାଲାରେ ଶ୍ରୀଜଗନ୍ନାଥ


॥ ଅଲେଖ ଚନ୍ଦ୍ର ସାମଲ ॥


ଶ୍ରୀଜଗନ୍ନାଥ ହେଉଛନ୍ତି ହିନ୍ଦୁମାନଙ୍କର ଧର୍ମଧାରଣା, ଚିନ୍ତା ଓ ଚେତନାର ପ୍ରାଣବିନ୍ଦୁ । ହିନ୍ଦୁ ମାନଙ୍କର ଉଜ୍ଜ୍ୱଳ କାମନା ପୂରଣ ନିମିତ୍ତ ଅର୍ଚ୍ଚନାରେ ମଧ ସେଇ ମହାପ୍ରଭୁଙ୍କର ପ୍ରଭୁତ୍ୱ ଅନୁଭୂତ ହୋଇଥାଏ । ବହୁ ପ୍ରାଚୀନ କାଳରୁ ‘ସତ୍ୟନାରାୟଣ’ ପୂଜା ପଦ୍ଧତି ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସ୍କନ୍ଧ ପୁରାଣର ରେବାଖଣ୍ଡରେ ‘ସତ୍ୟନାରାୟଣ’ଙ୍କ ପ୍ରସଙ୍ଗ ଚାରିଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହି ପୁରାଣରେ ପ୍ରଦତ୍ତ ମତ ଅନୁଯାୟୀ ସତ୍ୟନାରାୟଣ ନିଜ ପୂଜା ସମ୍ବନ୍ଧରେ ନାରଦଙ୍କୁ ନାରଦ ଶୁକଦେବଙ୍କୁ ଓ ଶୁକ ନୈମିଷ୍ୟାରଣ୍ୟରେ ସନକାଦି ମୁନୀ ମାନଙ୍କୁ କହିଥିଲେ । ସ୍କନ୍ଧ ପୁରାଣର ବର୍ଣ୍ଣିତ ସତ୍ୟନାରାୟଣ ପୂଜା କଥାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କାମନା ପୂରଣ ପାଇଁ ସତ୍ୟନାରାୟଣ ପୂଜା ଏକ ଫଳପ୍ରଦ ମାଧ୍ୟମ ଅଟେ । ତାଙ୍କରି ଆଶୀର୍ବାଦର ସୁଖ, ସମ୍ପଦ, ସନ୍ତାନ, ସୌଭାଗ୍ୟ ପ୍ରଭୃତ ପ୍ରାପ୍ତି ହୋଇଥାଏ । ସ୍କନ୍ଧ ପୁରାଣର ରେବାଖଣ୍ଡରେ କୁହାଯାଇଛି -‘ଯସ୍ମିନ୍ କସ୍ମିନ୍ ଦିନେ ମର୍ତ୍ତ୍ୟୋ ଭକ୍ତି ଶ୍ରଦ୍ଧା ସମନ୍ୱିତଃ, ସତ୍ୟନାରାୟଣଂ ଦେବଂ ଯଜେତ୍ ତୁଷ୍ଟୋ ନିଶାମୁଖେ, ପ୍ରସାଦ ଭକ୍ଷୟେତ ଭକ୍ତ୍ୟା ନୃତ୍ୟାଗୀତାଦିଙ୍କ ଚରେତ ଏବଂ କୃତ୍ୱା ମନୁଷ୍ୟାଣାଂ ବାଞ୍ଛାସିଦ୍ଧି ଭବେତ୍ ଧ୍ରୁବମ୍’ ।।

କାଳକ୍ରମେ ସତ୍ୟନାରାୟଣଙ୍କ ମୁହଁ ମୁସଲମାନ ମାନଙ୍କର ‘ପୀର’ ଶବ୍ଦ ମିଳିତ ହୋଇ ସତ୍ୟପୀର ଶବ୍ଦ ଓ ଦେବତାଙ୍କର ମହିମା ପ୍ରସାରିତ ହେଲା । ମିଛ ଦୁନିଆରେ ‘ନାରାୟଣ’ ହିଁ ଏକମାତ୍ର ସତ୍ୟ ଏବଂ ସତ୍ୟ ମଧ୍ୟରେ ହିଁ ତାଙ୍କର ସ୍ୱରୂପ ପ୍ରକଟିତ ହୋଇଥାଏ । ପରାସୀ ଭାଷାରେ ‘ପୀର’ ଶବ୍ଦ ଅଲୌକିକ ଶକ୍ତି ସମ୍ପନ୍ନ ଧର୍ମ ପ୍ରତିଷ୍ଠାତାଙ୍କୁ ବୁଝାଇଥାଏ । ‘ନାରାୟଣ’ ଓ ଧର୍ମ ପ୍ରତିଷ୍ଠାତା ଉଭୟ ଦୃଷ୍ଟିକୋଣରୁ ଚିନ୍ତା କଲେ ରୂପେ ବିଦିତ । ‘ହୟଶୀର୍ଷ ପଞ୍ଚରାତ୍ର’ ମତରେ ବିଷ୍ଣୁ ପୌଷ ମାସରେ ‘ନାରାୟଣ’ ଭାବେ ପୂଜିତ ହୁନ୍ତି । ବିଷ୍ଣୁ ଓ ଜଗନ୍ନାଥ ଅଭିନ୍ନ ସତ୍ତା ହୋଇଥିବାରୁ ଜଗନ୍ନାଥଙ୍କୁ ନାରାୟଣ ରୂପେ ଗ୍ରହଣ କରି ନେବାରେ ଶାସ୍ତ୍ରିୟ ଦ୍ୱନ୍ଦ ସୃଷ୍ଟି ହୁଏ ନାହିଁ । ନୀଳାଦ୍ରି ମହୋଦୟରେ ଜଗନ୍ନାଥଙ୍କୁ ନାରାୟଣ ରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି - ‘ଜଗନ୍ନାଥ ନମସ୍ତେଽସ୍ତୁ ଜଗତାଂ ପତୟେ ନମଃ, ନାରାଣ ଜଗଦ୍ଧାମ ଶ୍ୟାମ ସୁନ୍ଦର ରମ୍ୟପତେ ।’ ବାମଦେବ ସଂହିତାରେ ଜଗନ୍ନାଥଙ୍କର ନାରାୟଣ ସ୍ୱରୂପ ସଂପର୍କରେ କୁହାଯାଇଛି - ‘ଯୋଽୟଂ ନାରାୟଣେଶ କେବଃ ସତ୍ତିହଂ ନିଳ କନ୍ଦରଃ, ମାୟା ବିଚାର୍ଯ୍ୟଚିତେ ନାହଂ କରୋମି ଚ କରୋତି ସଃ ।।’

‘ପୀର’ ଶବ୍ଦର ଅର୍ଥ ମଧ୍ୟରେ ଜଗନ୍ନାଥଙ୍କର ରୂପକୁ ଚିନ୍ତା କରାଯାଏ । ଧର୍ମ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେଇ ଶ୍ରୀକୃଷ୍ଣ ରୂପି ଜଗନ୍ନାଥ ଗୀତାରେ କହିଛନ୍ତି ‘ଯଦା ଯଦାହି ଧର୍ମସ୍ୟ... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମୀ ଯୁଗେ ଯୁଗେ । ନାରାୟେଣ ଏବଂ ଧର୍ମ ପ୍ରତିଷ୍ଠାତା ଭାବେ ଗୃହିତ ଜଗନ୍ନାଥ ସତ୍ୟନାରାୟଣ ଓ ସତ୍ୟପୀର ଭାବରେ ପ୍ରତିଭାତ ହୁଅନ୍ତି । ପାଲା ପୃଷ୍ଠ ଭୂମୀରେ ଇତିହାସ ଅନୁଧ୍ୟାନ କଲେ ସତ୍ୟପୀର, ନାରାୟଣ ବା ବିଷ୍ଣୁ ଏକ ଦେବତା ଭାବେ କାଳକ୍ରମେ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ହେଲେ । ଜଗନ୍ନାଥ, ବିଷ୍ଣୁ ହୋଇଥିବାରୁ ସତ୍ୟନାରାୟଣ ପାଲାରେ କାମନା ପୁରାଣକାରୀ ଦେବତା ଭାବରେ ଗୃହୀତ ହେଲେ । କବି କର୍ଣ୍ଣ ‘ମଦ୍ଧାରାହୀ’ ଓ ଜନ୍ମ ପାଲାରେ ଜଗନ୍ନାଥଙ୍କ ଏବଂ ସତ୍ୟପୀର ଏକ ଦେବତା ବୋଲି ସତ୍ୟପୀରଙ୍କ ଦ୍ୱାରା ପ୍ରକାଶ କରିଛନ୍ତି । ଯଥା - ଆମି ସେହି ଦେବତା ଅଲେଖ ନିରାକାର ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ରସାତଳେ କରଇ ଆମାର ଜଗନ୍ନାଥ ରୂପେ ଆମି ଓଡ଼ିଶାତେ ଆଉ ହିନ୍ଦୁ ମୁସଲମାନ ସବୁ କରି ଏକାକାର ରାମ ରହିମାନ ଜାନ କୋରାଣ ପୁରାନେ ଦେଖିବ କେମନ ରୂପ ମାନେ କି ନମାନେ ଦାରିଆତେ ଦାରୁବ୍ରହ୍ମ ରୂପେତ ଭାସେନ ପଦ୍ମଫୁଲ ରୂପ ହଇଆ ସତ୍ୟନାରାୟଣ ବଉଧ ରୂପ ତେ ନୀଳାଚଳେ ବିଜେ କରି ପତିତ ପାବନ ରୂପେ ପତିତ ଉଦ୍ଧାରୀ ।

ନୃତ୍ୟ ନାରାୟଣ ପାଲାରେ ଗଣେ, ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କର, ପ୍ରଭୃତି ପଞ୍ଚଦେବତା ପୂଜା ସମ୍ପାଦିତ ହୋଇଥାଏ । ଏହି ଜଗନ୍ନାଥ ପଞ୍ଚଦେବତାଙ୍କର ସମ୍ମିଳିତ ବିଗ୍ରହ ଅଟନ୍ତି । ଜଗନ୍ନାଥଙ୍କୁ ଗଣେଶ ବୋଲି କହିବାର ଅଭିପ୍ରାୟ ଏହି ଯେ, ଜଗନ୍ନାଥ ସମସ୍ତ ଜ୍ଞାନର ଶ୍ରଷ୍ଟା ଅଟନ୍ତି । ଗଣେଶଙ୍କ ପରି ସେ ମଧ ଜ୍ଞାନଦାତା ଅଟନ୍ତି । ଏଣୁ ଭାଗବତ୍‌ରେ ଉଲ୍ଲେଖ ଅଛି - ‘ତୁ ଯାକୁ ହୁଅଇ ସଦୟ, ଜ୍ଞାନ ତା ଉଦରୁ ଉଦର ।’ ସ୍ନାନପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଗଣେଶଙ୍କ ଭକ୍ତ ଗଣପତି ଭଟ୍ଟଙ୍କୁ ଶ୍ରୀଜଗନ୍ନାଥ ଗଜାନନ ବେଶରେ ଦର୍ଶନ ଦେଇ କୃତାର୍ଥ କରିଥିଲେ । ଦାଢ଼୍ୟତା ଭକ୍ତିରେ ଗଣପତି ଭଟ୍ଟଙ୍କର ଚିନ୍ତାଧାରା ବର୍ଣ୍ଣନା କରି ଭକ୍ତ ରାମଦାସ ଲେଖିଛନ୍ତି - ‘ଦେଖିଲେ ପ୍ରଭୁ ଭଗବାନ ହୋଇ ଅଛନ୍ତି ଗଜାନନ, ଲମ୍ବି ଅଛନ୍ତି ଥୋର ହସ୍ତ ଶୋଭା ଦିଶଇ ଏକଦନ୍ତ, ଅଦ୍ଭୁତ ବିଶ୍ୱରୂପ ଧରି ଭୃତ୍ୟକୁ ଡାକୁଛନ୍ତି ହରି, ଏହା ଶୁଣିଣ ମହାଯଦି ବୋଲେ ନମସ୍ତେ ଗଣପତି’ । ଗଣପତି ଭଟ୍ଟ ନିଜର ଭୁଲ ବୁଝିପାରି ଜଗନ୍ନାଥଙ୍କୁ ନମସ୍କାର କରି ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଧାରଣ କରିବା ନିମିତ୍ତ ପ୍ରାର୍ଥନା କରିଥିଲେ । ଭକ୍ତର ପ୍ରାର୍ଥନା ରକ୍ଷାକରି ପ୍ରତ୍ୟେକ ବର୍ଷ ସ୍ନାନବେଦିରେ ଶ୍ରୀଜଗନ୍ନାଥ ଶ୍ରୀଗଣେଶ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ନିଜର ଗଣେଶ ସ୍ୱରୂପ ପ୍ରମାଣ କରିଛନ୍ତି । ବିଷ୍ଣୁ ଶ୍ରୀଜଗନ୍ନାଥ ଓ ଶିବତତ୍ତ୍ୱ ଏକ ତଥା ଅଭିନ୍ନ ଅଟନ୍ତି । ଯେ ରୁଦ୍ର ସେ ସ୍ୱୟଂ ବିଷ୍ଣୁ । ଯେ ବିଷ୍ଣୁ ସେହି ପୁଣି ଶିବ ବା ରୁଦ୍ର । ପବନ ଆକାଶ ମଧ୍ୟରେ ଯେପରି ପ୍ରଭେଦ ନାହିଁ, ସେହିପରି ବିଷ୍ଣୁ ଓ ରୁଦ୍ରଙ୍କ ମଧ୍ୟରେ ପ୍ରଭେଦ ନାହିଁ । ବ୍ରହ୍ମ ପୁରାଣ ମତରେ - ‘ଯୋ ରୁଦ୍ରଃ ସଃ ସ୍ୱୟଂବିଷ୍ଣୁଃ ସ ମହେଶ୍ୱରଃ, ଉଭୟୋ ରନ୍ତରଂ ନାସ୍ତି ପବନା କାଶୟୋରିବ’ । ଜଗନ୍ନାଥ କେବଳ ଗଣେଶ, ନାରାୟଣ ଓ ରୁଦ୍ର ନୁହଁନ୍ତି, ଜଗନ୍ନାଥ ମଧ ଦୁର୍ଗା ଅଟନ୍ତି । ମହାନିର୍ବାଣ ତନ୍ତ୍ର ପ୍ରମାଣ କରେ - ‘ତାରା ସାକ୍ଷାତ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ, ନିଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା’ । ଏହା ବ୍ୟତୀତ ଜଗନ୍ନାଥଙ୍କୁ ଭାସ୍କର ଅର୍ଥାତ୍ ସୂର୍ଯ୍ୟ ରୂପେ ବିବେଚନା କରାଯାଇଛି । କାରଣ ଶ୍ରୀଜଗନ୍ନାଥଙ୍କର ଶ୍ରୀଅଙ୍ଗରେ ନବଗ୍ରହମାନଙ୍କର ଅବସ୍ଥାନ ପରିକଳ୍ପନା କରାଯାଇଛି ଏବଂ ଜଗନ୍ନାଥଙ୍କର ନେତ୍ରକୁ ସୂର୍ଯ୍ୟ ବା ଭାସ୍କର ରୂପେ ପରିକଳ୍ପିତ ହୋଇଛି । ଶାସ୍ତ୍ରରେ କୁହାଯାଇଛି - ଚନ୍ଦ୍ର, ସୂର୍ଯ୍ୟ ଯେ ବେନିନେତ୍ରେ, ମଙ୍ଗଳ ସ୍ଥିତି ନାଶା ଫୁଟେ । ଗୀତାରେ ନିଜର ସ୍ୱରୂପ ବ୍ୟକ୍ତକରି ଶ୍ରୀକୃଷ୍ଣ କହିଛନ୍ତି ‘ଆଦିତ୍ୟାନା ମହଂ ବିଷ୍ଣୁ ଜ୍ୟୋତିଷାଂ ରବି ରଂଶୁମାନ, ମରୀଚି ର୍ମରୁତା ମସ୍ମି ନକ୍ଷତ୍ରାଣାମହଂ ଶଶି’୧୦/୨୧ ଏହି ଶ୍ଳୋକରୁ ପ୍ରତ୍ୟୟମାନ ହୁଏ ଯେ ଉଜ୍ଜ୍ୱଳ ବସ୍ତୁମାନଙ୍କ ମଧ୍ୟରେ କିରଣମୟ ସୂର୍ଯ୍ୟ ଅଟନ୍ତି । ଏହା ବ୍ୟତୀତ ଦୀନକୃଷ୍ଣ ଦାସଙ୍କ କରଚିତ ରସକଲ୍ଲୋଲଓ କାବ୍ୟରେ ବର୍ଣ୍ଣିତ ଅଛି - କମ୍ବୁକଣ୍ଠେ କଉସ୍ତୁଭ ମଣି ନାୟକ, କଲୁଷ ଅନ୍ଧାରକୁ ଦିନ ନାୟକ । ଏହି ପରି ଭାବେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚଦେବତାଙ୍କର ସମ୍ମିଳିତ ରୂପ ଭାବେ ଚିନ୍ତା କରାଯାଇଛି ଏବଂ ଶାସ୍ତ୍ରରେ କୁହାଯାଇଛି ‘ଜଗନ୍ନାଥଃ ସ୍ୱୟଂ ବିଷ୍ଣୁଃ ବଳଭଦ୍ରଃ ତ୍ରିଲୋଚନଃ, ଭଦ୍ରାଦେବୀ ପରା ସାକ୍ଷାତ ମାଧବୋ ଗଣଦୈବତଃ, ଚକ୍ରତେଜୋମୟଃ ସୂର୍ଯ୍ୟଃ ଯଜ୍ଞ ଦେବଂ ସ୍ମରାମ୍ୟହମ୍’ । ଭକ୍ତ କବି ଜଗନ୍ନାଥ ଦାସଙ୍କ ଲିଖିତ ସତ୍ୟନାରାୟଣ ଭାଗବତ ପାଲା, ଜଗନ୍ନାଥଙ୍କର ସତ୍ୟନାରାୟଣ ସ୍ୱରୂପ ସ୍ପଷ୍ଟ ଭାବେ ପ୍ରମାଣିତ କରିଥାଏ । ଏହି ପାଲାରେ ଉଲ୍ଲେଖ ଅଛି - ‘ନମଇଁ ଗୋବିନ୍ଦ ଚରଣ-ଅନାଦି ପ୍ରଭୁ ନାରାୟଣ, ଭକ୍ତ ନିମନ୍ତେ ଜନ୍ମପାଉ-ଧରନ୍ତି ନାନା ରୂପେ ଦେହି ଦୁଷ୍ଟ ନିବାରୀ ସନ୍ଥପାଳି-ଭକତ ବନ୍ଧୁ ବନମାଳୀ, ନିଜ ଭୁବନେ ଅବଧାନ-ହୋଇଲା କଳି ଆଗମନ, ବଉଧ ରୂପେ ନରହରି-ବିଜୟ କଲେ ନୀଳଗିରି, ସେ କାଳେ ସତ୍ୟନାରାୟଣ-ହୋଇଲେ ପ୍ରଭୁ ଭଗବାନ।’


ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍) ଜୟପୁର
ଡିଭିଜନ, ଦୂରଭାଷ : ୯୪୩୭୨୫୬୭୧୨୩


# ‘ଅମାବାସ୍ୟାର ଚନ୍ଦ୍ର’ର ସ୍ରଷ୍ଟା


॥ ବାଦଲ ଭୂୟାଁ ॥


ଯିଏ ପାପ ପୁଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି ମନୁଷ୍ୟତାର ନିକିତିରେ ତଉଲି ଯାଇଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏ କାଉନ୍‌କୁ ସମର୍ପି ଦେଉଛି’ - ବାରିଷ୍ଟର ଗୋବିନ୍ଦ ଦାସ। ସର୍ବଭାରତୀୟ ଆଇନ ବୃତ୍ତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହ ଜଣେ ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା ଭାବେ ସୁପରିଚିତ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କ ବହୁ ଚର୍ଚ୍ଚିତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ଅମାବାସ୍ୟାର ଚନ୍ଦ୍ର ପୁସ୍ତକର ଆଦ୍ୟ କଥନରେ ନିଜେ ଏହାକୁ ଲେଖିଛନ୍ତି। ସୁପ୍ରିମକୋର୍ଟ ବାରରେ ସେ ଥିଲେ ପ୍ରଥମ ଓଡ଼ିଆ ଯିଏ କି ଓକିଲାତି ଜୀବନ ଆରମ୍ଭ କରିଥିଲେ।

ଜୀବନ କାଳରେ ସେ ଆଇନ ଜଗତରେ ଯେତିକି ପ୍ରସିଦ୍ଧ, ସାହିତ୍ୟ ଦୁନିଆରେ ସେତିକି ପରିଚିତ ଥିଲେ। ଅମାବାସ୍ୟାର ଚନ୍ଦ୍ର ତାଙ୍କର ସାହିତ୍ୟିକ ପ୍ରତିଭାର ସାର୍ଥକ ଅଭିବ୍ୟକ୍ତି। ୧୯୬୪ରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ୨୦୦୮ରେ ତାଙ୍କର ପରଲୋକ ବେଳକୁ ଏହାର ପଚିଶତମ ସଂସ୍କରଣ ବଜାରରେ ମିଳୁଥିଲା। ଆଲୋଚକ ଡ. ବାଉରୀବନ୍ଧୁ କରଙ୍କ ଭାଷାରେ ‘ଉପନ୍ୟାସଟିର ଭଗବତୀ ଚରଣ ବର୍ମାଙ୍କ ଚିତ୍ରଲେଖା ସହ ଅଦ୍ଭୁତ ଭାବେ ମେଳ ଥିଲେ ସୁଦ୍ଧା ସେ ଏ ଉପନ୍ୟାସ ସକାଶେ ଅଗଣିତ ଓଡ଼ିଆ ପାଠକର ଶ୍ରଦ୍ଧାଭାଜନ ହୋଇଛନ୍ତି। ଏଥିରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ହେଉଛି କାଉଲ।

କାଉଲର ଜୀବନବୃତ୍ତାନ୍ତ ମାଧ୍ୟମରେ ସାମ୍ପ୍ରତିକ ରାଜନୀତିକ ନେତାମାନଙ୍କ ଚରିତ୍ର ରୂପ ନେଇଛି। କାଉଏ ଜୁଆଡ଼ି, ଲମ୍ପଟ, ମଦ୍ୟପ, କିନ୍ତୁ ନେତା ହେବା ପରେ ସେ ପଣ୍ଡିତଜୀ ପ୍ରମୁଖଙ୍କ ମୁଖରେ ପ୍ରଶଂସିତ। ସାମ୍ପ୍ରତିକ ସମାଜରେ ଯେତେ ଅନୀତି, ଦୁର୍ନୀତି କଲେ ସୁଦ୍ଧା ନେତାଟିଏ ହୋଇପାରିଲେ ସବୁ ସମ୍ମାନ ଆପେ ଆପେ ଆସି ଅଜାଡ଼ି ହୋଇପଡ଼େ, ଏହାହିଁ ଏଥିରେ ସୂଚିତ। ଲାସୁ, ଭଗ୍ନାଂଶ, ସୂର୍ଯ୍ୟାସ୍ତ, ଦେଶେ ଦେଶେ। ଜାତକ, ମିଶ୍ର ରାଗ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ସାନ ଗୋଟିଏ ଜୀବନ ତାଙ୍କ ଆତ୍ମଚରିତ। ବାରିଷ୍ଟର ଦାସଙ୍କ ରଚନା ଶୈଳୀର ବିଶେଷତ୍ୱ, ବାକ୍ୟବିନ୍ୟାସ କୌଶଳ ଆଦି ତାଙ୍କ ଉପନ୍ୟାସଗୁଡ଼ିକୁ ସୁଖପାଠ୍ୟ କରିଛି। ଯୌବନରେ ସେ ସମାଜବାଦୀ ଆଦର୍ଶ ଓ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ସୋସିଆଲିଷ୍ଟ ଦଳରେ ଯୋଗ ଦେଇଥିଲେ। ଛାତ୍ର ଆନ୍ଦୋଳନରେ ବି ସାମିଲ ହୋଇଥିଲେ। ଜେଲ ଯାଇଥିଲେ। ସମାଜବାଦୀ ବ୍ୟକ୍ତିତ୍ୱ ଥିବାରୁ କିଛି କାଳ କୃଷକ ପତ୍ରିକା ସଂପାଦନ କରିଥିଲେ।

ବାପା ଚାହୁଁଥିଲେ, ସେ ଭାରତୀୟ ପ୍ରଶାସନ ସେବା ଅଧିକାରୀ ହୁଅନ୍ତୁ। ସୋସାଲିଷ୍ଟ ପାର୍ଟିର କର୍ମକର୍ତ୍ତା ଚାକିରି କଲେ, ଲୋକେ ହସିବେ। ତେଣୁ ବାପାଙ୍କ ପାଖରେ ସର୍ତ୍ତ ରଖିଲେ - ଆଇଏଏସ୍ ପରୀକ୍ଷା ଦେଇ ସଫଳ ହେବେ। କିନ୍ତୁ ଚାକିରି କରିବେନାହିଁ। ସେ ଆଇଏଏସ୍ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାକ୍ଷାତକାର ଦେବାକୁ ଯାଇନଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ସାରି ଲଣ୍ଡନ ଯାଇଥିଲେ। ପ୍ରସିଦ୍ଧ ଲିଙ୍କନସ୍ ଇନ୍‌ରୁ ବାରଆଟ ଲ ଡିଗ୍ରୀ ଲାଭ କରି, ୧୯୫୩ ମସିହାରେ ଓଡ଼ିଶା ହାଇକୋର୍ଟ ବାରରେ ଆଇନଜୀବୀ ଜୀବନ ଆରମ୍ଭ କରିଥିଲେ। ୧୯୮୦ ଓ ୧୯୯୮ରେ ରାଜ୍ୟର ଆଡ୍‌ଭୋକେଟ ଜେନରଲ ହୋଇଥିଲେ। ବ୍ୟକ୍ତିଗତ ଜୀବନରେ ଥିଲେ ଶୃଙ୍ଖଳିତ ଓ ଶାନ୍ତ ସ୍ୱଭାବର। ୧୯୩୦ ଜୁନ ୩୦ ତାରିଖ ଦିନରେ ଯାଜପୁର ଅନ୍ତର୍ଗତ କଲ୍ୟାଣପୁରର ତିସାଣିଆ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା।


ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ରବିବାର ୨୩.୩ ୨୦୨୫




## ପାରାଦୀପ ରେ ଦାମୋଦର ରାଉତଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ପାରାଦୀପ (ମହାଭାରତ) ପୂର୍ବତନ ମନ୍ତ୍ରୀ ତଥା ପାରାଦୀପ ର ଅଦ୍ୱିତୀୟ ନେତା ଡ଼ଃ.ଦାମୋଦର ରାଉତଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ଶୁକ୍ରବାର ଦିନ ପାରାଦୀପ ସ୍ଥିତ ବିଜୁ ପଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ମେମୋରିଆଲ୍ ଟ୍ରଷ୍ଟ ଉପସଭାପତି କୁମରବର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ରଙ୍କ ସମେତ ବିଜେଡି ନେତା ଚି□ରଞ୍ଜନ ରାଉତରାୟ, ମାନସ ବିଶ୍ୱାଳ, ଦୀପକ ବେହେରା, ମନୋଜ ନାୟକ ପ୍ରମୁଖ ଅଂଶଗ୍ରହଣ କରି ଡ଼ଃ. ରାଉତଙ୍କ ସ୍ମୃତିଚାରଣ କରିଥିଲେ । ସୂଚନାଥାଉକି ଗତ ବର୍ଷ ମାର୍ଚ୍ଚ ୨୧ ତାରିଖରେ ଡ଼ଃ.ରାଉତ ଙ୍କ ଦେହାନ୍ତ ହୋଇଥିଲା କ୍ଷ ତେବେ ଏହି ଦିନରେ ତାଙ୍କୁ ଭକ୍ତିପୂତ ସ୍ମରଣ କରିବା ପାଇଁ ପ୍ରଥମ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଛି ବୋଲି ଶ୍ରୀ ନାୟକ କହିଛନ୍ତି ।ସୂଚନାଥାଉକି ଡ଼ଃ. ରାଉତ ବିଜୁ ମେମୋରିଆଲ ଟ୍ରଷ୍ଟର ସ୍ରଷ୍ଟା ଏବଂ ସଭାପତି ଭାବେ ରହିଥିଲେ ।

## ଭୂମି ହୀନଙ୍କୁ ଜଙ୍ଗଲ ଜମି ଆଇନରେ ପଟ୍ଟା ବାଣ୍ଟିଲେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ



ଦାନଗଦି:( ମହାଭାରତ) ଦାନଗଦି ବ୍ଲକ ରେ ଆଦିବାସୀ ଓ ଅଣ ଆଦିବାସୀ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ ଶନିବାର ଦିନ ଦାନଗଦି ଭବନ ଠାରେ ଆଦିବାସୀ ଓ ଅଣ ଆଦିବାସୀ ପରିବାରଙ୍କ ପାଇଁ ଜଙ୍ଗଲ ଜମି ଅଧିକାର ନିୟମ ରେ ପରିବିଷ୍ଟ ୩୭୩ ପରିବାରଙ୍କୁ ପଟା ବଣ୍ଟନ କରାଯାଇଅଛି। ଏହି ପଟ୍ଟା ବ□ନ ଉତ୍ସବ ରେ ୩୭୩ ପଟା ବଣ୍ଟନ ହୋଇଥିବାବେଳେ ଦୁଇମାସ ତଳେ ପ୍ରଥମ ପର୍ଯ୍ୟାୟ ରେ ୧୬୨ ଟି ପଟ୍ଟା ବଣ୍ଟନ କରାଯାଇଥିଲା। ଜମି ପଟ୍ଟା ନଥିବାରୁ ଅନେକ ପରିବାର ସରକାରଙ୍କ ଯୋଜନାରୁ ବଞ୍ଚିତ ରୋହୁଥିବା ବେଳେ । ଜଙ୍ଗଲ ଜମି ପଟ୍ଟା ବଣ୍ଟନ ପ୍ରକ୍ରିୟା ପରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଖୁବ୍ ଶୀଘ୍ର ସାମିଲହେବେ ବୋଲି ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଥିଲେ। ସରକାର ଙ୍କ ପକ୍ଷରୁ ଆବେଦନ ପ୍ରକ୍ରିୟା କୁ ନିର୍ଦ୍ଦିଷ୍ଟ ସମୟ ସୀମା ଦିଆଯାଇଥିବା ବେଳେ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଥିଲେକି ଯେ କୌଣସି ସମୟରେ ଆବେଦନ ଜଙ୍ଗଲ ଜମି ପାଇଁ ଆବେଦନ କରିବପାରିବେ ଭୂ ହିନ ପରିବାରୟ ସଭିଙ୍କ ପାଇଁ ଛାତ ଘର ନିର୍ମାଣ କରିବା ପାଇଁ କେନ୍ଦ୍ର ସରକାର ସଂକଳ୍ପ ବଧ ବୋଲି ମନ୍ତ୍ରୀ କହିଥିଲେ।ଶନିବାର ବ୍ଲକ ର ମଙ୍ଗଳପୁରର ୪୨ ଜଣ, ରଣାଗୁଣ୍ଡି ର ୩୬ ଜଣ, କୁଲାପିଟା ର ୬୧ ଜଣ, ବାଲିଆପାଳ ର ୬ ଜଣ, ବାଘୁଆପାଳ ର ସର୍ବାଧିକ ୧୧୮ ଜଣ, ଚିତ୍ରି ର ୫୭ ଜଣ, ଅଙ୍କୁରାପାଳ ର ୧ ଜଣ, ଧୂଳିଗଡ଼ ର ୧୬ ଜଣ, ଶାଳୀଜଙ୍ଗା ର ୧୨ ଜଣ ଏବଂ ନଛିପୁରା ର ୨୪ ଜଣ ଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି । ଅବଶିଷ୍ଟ ଲୋକ ମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ପଟ୍ଟା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ଦାନଗଦି ତହସିଲଦାର ରଞ୍ଜିତ ମଲିକ, ଦାନଗଦି ବିଡିଓ ପ୍ରଦୀପ ସେଠୀ, ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ ଏବଂ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବଜ୍ରପାତ ରେ ଘରଛାତ ଫାଟିବା ସହ ମଇଁଷି ମୃତ

ଅସ୍ତରଙ୍ଗ (ମହାଭାରତ) -ରାଜ୍ୟରେ ହେଉଥିବା ଅଦିନିଆ ବର୍ଷା ସମୟ ରେ ବିଜୁଳି ଘଡଘଡି ଲାଗିରହିଥିଲା, ଯାହାର ପ୍ରଭାବ ରେ ଅସ୍ତରଙ୍ଗ ବ୍ଲକ ରେ ଜଣେ ବ୍ୟକ୍ତି ବିଶେଷ ଙ୍କ ଘର ଛାତ ଫାଟିବା ସହ ଅନ୍ୟ ଏକ ସ୍ଥାନ ରେ ଚରୁଥିବା ଅବସ୍ଥା ରେ ଗୋଟେ ମଇଁଷି ମୃତ୍ୟୁ ବରଣ କରିଛି ।ଶନିବାର ମଧ୍ୟାହ୍ନ ସମୟ ରେ ଅଦିନିଆ ବର୍ଷା ଓ ପ୍ରବଳ ବିଜୁଳି ଘଡଘଡି ଯୋଗୁ ଅସ୍ତରଙ୍ଗ ବ୍ଲକ ମଧୁପୁର ଗ୍ରାମ ର କଳ୍ପନା ବେହେରା ଙ୍କ ଘର ଉପରେ ଚଡ଼ଚଡ଼ି ପଡି ତାଙ୍କ ଘରର ଛାତ ଫାଟି ଯାଇଥିବା ବେଳେ ଠିକ ସେହି ସମୟ ରେ ଝାଡଲିଙ୍ଗ ଗ୍ରାମର ସନ୍ତୋଷ ବେହେରା ତାଙ୍କ ଗ୍ରାମ ନିକଟରେ ମଇଁଷି ଚରାଉଥିବା ବେଳେ ବଜ୍ରପାତ ହୋଇଥିଲା ଯାହାକି ଫଳରେ ତାଙ୍କର ଗୋଟେ ମଇଁଷି ର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି,କିନ୍ତୁ ସୌଭାଗ୍ୟ ର କଥା ମଇଁଷି ପାଖରେ ଉପସ୍ଥିତ ଥିବା ସନ୍ତୋଷ ବେହେରା ଏହି ବିଜୁଳି ଆଘାତ ରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏବେ ଉଭୟ ଙ୍କୁ ସରକାର ଙ୍କ ତରଫରୁ ସରକାରୀ ସହାୟତା ରାଶୀ ପ୍ରଦାନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବୀ କରିଛନ୍ତ।

## ବଡଡୁମୁରିଆରେ ମାଗଣା ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର(ମହାଭାରତ):କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡଡୁମୁରିଆ ରେ ରାଷ୍ଟ୍ରୀୟ ଗ୍ରାମୀଣ ଜନ ବିକାଶ ସଂସ୍ଥା ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି ।ଏହି କାର୍ଯ୍ୟକ୍ରମରେ ସଂସ୍ଥା ର ଷ୍ଟେଟ ପ୍ରୋଜେକ୍ଟ ଡାଇରେକ୍ଟର ଓ ଷ୍ଟେଟ ପ୍ରୋଜେକ୍ଟ ଅପରେସନ ମୁଖ୍ୟ ଶ୍ରୀଯୁକ୍ତ ସଞ୍ଜୟ କୁମାର ନାୟକ , ସିନିଆଁ ଡିଗଲ ଙ୍କ ତତ୍ତ୍ୱାବଧାନରେ ବଡ ଡୁମୁରିଆ ସମେତ ସ୍ଥାନୀୟ ଅ□ଳ ରୁ ୫୦୦ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଝୁମ୍ପୁରା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ର ଏକ ଡାକ୍ତରୀ ଦଳ ଡା.ରବି କୁମାର ଙ୍କ ନେତୃତ୍ୱରେ ଫାର୍ମାଶିଷ୍ଟ କୈଳାସ ଚନ୍ଦ୍ର ମହାନ୍ତ,ଏ ଏନ୍ ଏମ୍ ହୀରାମଣି ମହାନ୍ତ,ଏଲ୍ ଟି ନମିତା ମହାନ୍ତ, କମୁନିଟି ମୋବିଲାଇଜର ସବିତା ନାଏକ,ସି ପି ଏଚ୍ ଗୋପୀନାଥ ମହାପାତ୍ର,ଷ୍ଟାଫ୍ ନର୍ସ ଇତିଶ୍ରୀ ସାହୁ ଓ ଡା. ଏଲିନା ରାଉତ ଙ୍କ ସହଯୋଗ ରେ ରୋଗୀ ଚିହ୍ନଟ କରି ଆବଶ୍ୟକ ପରୀକ୍ଷା ଏବଂ ଔଷଧ ମାଗଣା ରେ ବଣ୍ଟନ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସଂସ୍ଥାର ଜୋନାଲ ମ୍ୟାନେଜର ମନୋରଞ୍ଜନ ପାତ୍ର,ଡିଷ୍ଟ୍ରିକ୍ଟ ଇନ୍ ଚାର୍ଜ ରବୀନ୍ଦ୍ରନାଥ ମହାନ୍ତ,ଡିଷ୍ଟ୍ରିକ୍ଟ ମ୍ୟାନେଜର ଧିରଜ ନଳିନୀ ମହାନ୍ତ,ବ୍ଲକ କୋର୍ଡିନେଟର ଅଭିଜିତ ନାଏକ,,ମିଥୁନ ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨୨ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୫ର ଚତୁର୍ଥ ସନ୍ଧ୍ୟା

# ମଞ୍ଚସ୍ଥ ହେଲା 'ଦି ବୋଟ ବଏ' ଓ 'ସାନ-୨୦୨୫



ପାରାଦୀପ (ମହାଭାରତ): ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୫ ବନ୍ଦର ସହର ପାରାଦୀପ ର ଜୟଦେବ ସଦନ, ଇଫକୋ ର ସଂସ୍କୃତି ଭବନ ଏବଂ ଆଇଓସିଏଲ ପାରାଦୀପ ରିଫାଇନେରୀ ର ଉତ୍ସବ ଅଡିଟୋରିୟମ ତିନୋଟି ସ୍ଥାନରେ ସଫଳତାର ସହ ଆଗେଇଚାଲିଛି। ଗତ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବର ବିଭିନ୍ନ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ପ୍ରତିଷ୍ଠିତ ନାଟ୍ୟାନୁଷ୍ଠାନ ଓ କଳାକାର ମାନଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ଓ ଅଭିନୟ ଦର୍ଶକ ମାନଙ୍କୁ ବେଶ ଆକର୍ଷିତ କରୁଥିବାର ଦେଖିବାକୁ ମିଳିଥିଲା । ତେବେ ଚତୁର୍ଥ ସନ୍ଧ୍ୟାରେ ଜୟଦେବ ସଦନ ଠାରେ କେରଳ ର 'ଲୋକଧର୍ମୀ' ନାଟ୍ୟ ସଂସ୍ଥା ଦ୍ୱାରା ମଞ୍ଚସ୍ଥ ଓ ଡ଼ଃ. ଚନ୍ଦ୍ରଦସନ ଙ୍କ ଦ୍ୱାରା ନିର୍ଦ୍ଦେଶିତ ମାଲୟାଲମ ଭାଷୀ ନାଟକ 'ଦି ବୋଟ ବଏ' ସମସ୍ତଙ୍କ ହୃଦୟ ସ୍ପର୍ଶ କରିଥିଲା। ଏହି ନାଟକ ଟି ଓଡ଼ିଶାର ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ ଙ୍କ ଉପରେ ଆଧାରିତ ଥିଲା । ସେହିପରି ଶନିବାର ଦିନ ଚତୁର୍ଥ ସନ୍ଧ୍ୟାରେ ଇଫକୋ ସଂସ୍କୃତି ଭବନ ଠାରେ ମଧ୍ୟପ୍ରଦେଶ ର ରଙ୍ଗସାଧକ ଥିଏଟର ଗ୍ରୁପ ଦ୍ୱାରା ମନୋଜ କୁମାର ସୋନି ଙ୍କ ନିର୍ଦ୍ଦେଶିତ ହିନ୍ଦି ନାଟକ 'ସାନ-୨୦୨୫' ପ୍ରଦର୍ଶିତ ହୋଇଥିଲା । ଏହି ମହୋତ୍ସବ କୁ କ୍ୟାନମାସ ର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର ପରିଚାଳନା କରୁଥିବା ବେଳେ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସଭ୍ୟା ଏଥିରେ ସକ୍ରିୟା ସହଯୋଗ କରୁଛନ୍ତି । ପ୍ରତ୍ୟେକ ସନ୍ଧ୍ୟାରେ ଏହି ନାଟକ ମହୋତ୍ସବରେ ପ୍ରବଳ ଜନସମାଗମ ଦେଖିବାକୁ ମିଳୁଛି ଏବଂ ଆଠଦିନ ବ୍ୟାପି ଏହି ମହୋତ୍ସବ ଆସନ୍ତା ମାର୍ଚ୍ଚ ୨୬ ତାରିଖରେ ଉଦଯାପିତ ହେବ ।

## ବୋଲେରୋ ସହ ଦୁଇଟି ଦାମୀ ମୋବାଇଲ ଓ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ : ଦୁଇ ମାଫିଆ ଗିରଫ



କନ୍ଧମାଳ :(ମହାଭାରତ): କନ୍ଧମାଳ ଜିଲ୍ଲା ବର୍ତ୍ତମାନ ବେଆଇନ ଗଞ୍ଜେଇ ଚାଲାଣ ର ହବ ପାଲଟିଥିବା ବେଳେ ପୋଲସ ଓ ଅବକାରୀ ବିଭାଗ ରୀତିମତ ଭାବରେ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ସହ ନାମିଦାମୀ କମ୍ପାନୀ ର ଗାଡି ଜବତ କରିବା ସହ ମାଫିଆ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଥିଲେ ମଧ୍ୟ ଜିଲ୍ଲାରୁ ଗଞ୍ଜେଇ ଚାଲାଣ ଥମିବାର ନା ଧରୁନି ଓ ତେବେ ଏହି ପରିପେକ୍ଷୀରେ ଜିଲ୍ଲାର ଫୁଲବାଣୀ ସଦର ଅବକାରୀ ବିଭାଗ ଏକ ବୋଲେରୋ ସହ ଦୁଇଟି ଦାମୀ ମୋବାଇଲ ଓ ଏକ କୁଇ□ାଲ ଗଞ୍ଜେଇ କୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଗାଡିର ଡ୍ରାଇଭର ସହ ଦୁଇଜଣ ଗଞ୍ଜେଇ ମାଫିଆ କୁ ଗିରଫ କରିଥିବା ସୂଚନା ମିଳିଛି । ସୂଚନା ଅନୁସାରେ କୌଣସି ଏକ ବିଶେଷ ସୂତ୍ର ରୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଓଆଇସି ପ୍ରକାଶ ଚନ୍ଦ୍ର ମଲ୍ଲିକ ଙ୍କ ନେତୃତ୍ୱ ରେ ଫୁଲବାଣୀ ଫିରିଙ୍ଗିଆ ମୁଖ୍ୟ ରାସ୍ତାର ଫୁଲବାଣୀ ସଦର ଥାନା ଅଧୀନରେ ଥିବା କସାକାଠି ଛକ ନିକରେ ଗଞ୍ଜେଇ ଭର୍ତି ବୋଲେରୋ ଟିକୁ ଧରିବାରେ ସଫଳ ହୋଇଥିଲେ ଓ ତେବେ ବୋଲେରୋ ରେ ଚାଲାଣ ହେଉଥିବା ଗଞ୍ଜେଇ ଫିରିଙ୍ଗିଆ ଅଂଚଳରୁ ଭୁବନେଶ୍ୱର କୁ ଚାଲାଣ ହେଉଥୁବା ତଦନ୍ତ ରୁ ଜଣାପଡିଥିବା ବେଳେ ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ଗାଡିର ଡ୍ରାଇଭର ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଠିଡ଼କାଯୋଡି ଗାଁ ର ଶୁଭ୍ରାଂଶୁ ସାହୁ ବୋଲି ଜଣାପଡିଥିବା ବେଳେ ଅନ୍ୟଜଣେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ଅଧୀନରେ ଥିବା ଶାଶିପଦର ଗାଁ ର ଅଜୟ ଦିଗାଳ ବୋଲି ଜଣାପଡିଛି ଓ ଅନ୍ୟପଟେ ଏହିଘାଟଣାରେ ସଦର ଅବକାରୀ ବିଭାଗ ରେ ୨୨୫/୨୦୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଜବତ ଗଞ୍ଜେଇ ସହ କୋର୍ଟ ଚାଲାଣ କରିଥିବା ବେଳେ ଏହି ଚଢ଼ାଉ ରେ ଅବକାରୀ ବିଭାଗ ର ଏଏସଆଇ ସମୀର ରଂଜନ ଭୋଇ,ମିଳନ କୁମାର ସାହୁ, ସଚିନ ଗୁରୁ ଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

## ଭରସା ପରିବାର ପକ୍ଷରୁ ବିଛଣାରେ ପଡିରହିଥିବା ଶଯ୍ୟାଶାୟୀଙ୍କୁ ହ୍ୱିଲ୍ ଚେୟାର ବଣ୍ଟନ



ଦାନଗଦି: (ମହାଭାରତ) ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଦେଉଳକୋଣ ପଞ୍ଚାୟତର ଅଁଳାପଦା ସାହିର ବୁଲୁ ମହାନ୍ତ ଦୁଇମାସ ତଳେ ବ୍ରେନ୍ ଷ୍ଟକ୍ ହୋଇ ପରାଲିଶି ରେ ଅର୍ଦ୍ଧ ଶରୀର ଅଚଳ ହୋଇପଡ଼ିଥିଲା ଦୀର୍ଘ ଦୁଇମାସ ହେବ ବିଛଣାର ଶେଯରେ ପଡିରହିଥିବାବେଳେ ପିଠି ପଛ ପଟେ ଘା ହୋଇ ନାହିନଥିବା ଅସୁବିଧା ଭୋଗ କରୁଥିଲେ ।ଯାଜପୁର ଜିଲ୍ଲା ଭରସା ପରିବାର ର ସମ୍ପାଦକ ପଦ୍ମନାଭ ମହାନ୍ତ ଙ୍କୁ ଖବର ଆସିବା ପରେ ରାଜ୍ୟ ସଭାପତି ପ୍ରତାପ ରାୟ ଓ ରାଜ୍ୟ ସମ୍ପାଦକ ବେଣୁଧର ମହାନ୍ତ ତର୍ଜମା କରିଥିଲେ । ପରେ ରାଜ୍ୟ ସଭାପତି ପ୍ରତାପ ରାୟ ଙ୍କ ତତ୍ତ୍ୱବଧାନ ରେ ଶୁକ୍ରବାର ବାବୁଲି ମହାନ୍ତଙ୍କ ଘରେ ଭରସା ପରିବାର ର କର୍ମକର୍ତ୍ତା ପହଞ୍ଚି ହ୍ୟାଇଲ୍ ଚେୟାର ପ୍ରଦାନ କରିଥିଲେ। ଶେଷରେ ଭରସା ପରିବାର ପରିବାର ପକ୍ଷରୁ ବୁଲୁ ଭାଇଙ୍କ ଆଶୁ ଆରୋଗ୍ୟ କାମନା କରି ଆଗକୁ ସମାଜରେ ଏଭଳି ଦୃଶ୍ୟ ଭରସାପରିବାର ର ନଜରକୁ ଆସିଲେ ଯଥା ସମ୍ଭବ ସେବା କାର୍ଯ୍ୟରେ କାର୍ଯ୍ୟ ଜାରିରହିବ ବୋଲି ଭରସା ପରିବାର ପକ୍ଷରୁ ସୂଚନା ମିଳିଛି।

## କାଳବୈଶାଖୀର ତାଣ୍ଡବଲୀଳା
## ୧୦ ଟା କଚ୍ଚା ଘର ,୩ଟା ପକା ଘରେ ଗଛ ପଡି କ୍ଷତିଗ୍ରସ୍ତ

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ପବନ ଓ ବର୍ଷାରେ ୧୦ ଜଣଙ୍କର ଚାଳ ଛପର ଘର ଓ ୩ଟି ପକା ଘର ଲୋକଙ୍କ ଉଡାଇ ନେଇଥିବାର ଦେଖିବାକୁ ମିଳିଛି ।ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ସହିତ



ପବନଜୋରରେ ହବାରୁ କେନ୍ଦୁଜିଆଣି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜଡିବେଡା ଗ୍ରାମର ଲାଲମୋହନ ମହାନ୍ତ ଙ୍କ କୁକୁଡ଼ା ଫାର୍ମ ଘରର ଆଜବେଷ୍ଟ ଛାଉଣୀ ସମ୍ପୂର୍ଣ୍ଣ ଉଡ଼ି ଯାଇଛି ।ସେହିପରି ସାତକୋଶିଆ ଅଞ୍ଚଳରେ ୨ଟି କଂଚ୍ଚ ଘର ,ହାତିଗୋଡା ୩ଟି, ସାଲେଇବେଡା ୩ଟି, ସୁନାରି ପୋଷି ଗାଁ ର ୨ ଟି ତାଳପଦା ଗାଁ ର ୩ଟି ଘର ଉପରେ ଗଛ ପଡି ଘର ଭାଙ୍ଗି ଥିବା ଦେଖିବାକୁ ମିଳିଛି । ସମୁଦାୟ ୧୦ଟି କଂଚ୍ଚ ଘର ୩ ଟି ପକା ଘର କିଛି ଘର ଆଂଶିକ ଭାବେ କ୍ଷୟକ୍ଷତି ହଇ ଥିବାର ଠାକୁରମୁଣ୍ଡା ତହସିଲ ପକ୍ଷରୁ ସୂଚନାୟ ତେବେ ସଂମ୍ପୃକ୍ତ ଅଞ୍ଚଳର ରାଜସ୍ ନିରୀକ୍ଷକ ଙ୍କୁ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବା ପାଇଁ ଠାକୁରମୁଣ୍ଡା ତହସିଲଦାର ସମ୍ପିତ କୁମାର କର ପ୍ରକାଶ କରିଥଲେ।

## ବନ୍ତଳା ଗ୍ରାମପଞ୍ଚାୟତ ସୁବିଧାକେନ୍ଦ୍ର ନିର୍ମାଣକୁ ନେଇ ବଡ଼ ବିବାଦ

ବଡ଼ଚଣା (ମହାଭାରତ)ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତ ପକ୍ଷରୁ ଦଶ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଗ୍ରାମ ପଞ୍ଚାୟତ ସୁବିଧା କେନ୍ଦ୍ର ନିର୍ମାଣକୁ ନେଇ ଏକ ବିବାଦ ସୃଷ୍ଟି ହୋଇଛି। ଉକ୍ତ ପଞ୍ଚାୟତର ସରପଞ୍ଚ ନିଜ ଇଚ୍ଛା ମୁତାବକ ଓ ବେଆଇନ ଭାବେ ଏହି ସୁବିଧା କେନ୍ଦ୍ର ଘରକୁୟ ବନ୍ତଳା ଗ୍ରାମରେ ଥିବା ସରକାରୀ ଜନତା ଉଚ୍ଚ ବିଦ୍ୟାଳୟ ଜମିଉପରେ ଜୋର୍ ଜବରଦସ୍ତ ନିର୍ମାଣ କରାଯାଇଛି ।ଉକ୍ତ ଗୃହ ଯେଉଁ ଜମି ଉପରେ ନିର୍ମାଣ କରାଯାଇଛି ତାହାର ଖାତା ନଂ. ୯୩ ଓ ୯୪ ଏବଂ ପ୍ଲଟ୍ ନଂ. ୧୭୯ଓ ୧୮୦ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାର ତରଫରୁ ସମ୍ପାଦକ ଜନତା ଉଚ୍ଚ ବିଦ୍ୟାଳୟ ଅଟେ। ଏହି ଗୃହକୁ ବିଦ୍ୟାଳୟ ସ୍ଥାନରେ ନିର୍ମାଣ ନ କରିବା ପାଇଁ ସେହି ଗ୍ରାମ ପଞ୍ଚାୟତ ନ୍ୟାୟସରପ□ ସଙ୍କରୀ ଦେଇ ବିରୋଧ କରିଥିଲେ ମଧ ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀ କିପରି ଓ କାହା ଇଙ୍ଗିତରେ ଏପରି ବେଆଇନ କାମ କରି ପାରିଲେ। ଏହି ବେଆଇନ କାର୍ଯ୍ୟକୁ ବିରୋଧ କରି ପଞ୍ଚାୟତ ବାସୀୟ ବଡଚଣା ବିଡିଓ, ବ୍ଲକ ଶିକ୍ଷା ଅଧିକାରିଣୀ ବଡଚଣା, ଦର୍ପଣ ତହସିଲଦାର ଓ ଯାଜପୁର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନ ଉଠିଛି କାହିଁକି ଓ କିପରି ଭାବରେ ବିଦ୍ୟାଳୟ ଜମି ଉପରେ ଗୃହ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଅନୁମତି ପ୍ରଦାନ କରାଗଲା ? ପ୍ରଥମେ ଯେକୌଣସି କାର୍ଯ୍ୟ ପାଇଁ ଫାଇଲ ଖୋଲ ଯାଏ ଜମି ପଟ୍ଟା ଉକ୍ତ ଫାଇଲର ସଂଲଗ୍ନ ହୋଇନଥାଏ। ଉକ୍ତ ଫାଇଲିନରେ ପଟା ସଂଲଗ୍ନ ହୋଇଛି ନା ନାହିଁ. ? ଯଦି ହୋଇଛି କେଉଁ ପଟା ସଠିକ ନା ଭୁଲ ପଟା ତାହାର ମଧ ତଦନ୍ତ ପରିସରରେ ଆସିବା ଦରକାର। ଏପରି ଅନେକ ପ୍ରଶ୍ନ ସୃଷ୍ଟି କରିଛି। ପରେ ଏହି ବେଆଇନ ନିର୍ମାଣ ବିଷୟରେ ଲିଖିତ ଅଭିଯୋଗ ଉପରେ କୌଣସି ପ୍ରକାର ତଦନ୍ତ ନ ହେବାରୁୟ ବନ୍ତଳା ପ□ାୟତ ବାସୀ ମୁଖ୍ୟ ଶାସନ ସଚିବ ଓ ପଞ୍ଚାୟତର ଓ ପାନୀୟ ଜଳଯୋଗାଣ ବିଭାଗ ସଚିବ ଓଡିଶା ସରକାରଙ୍କ ପାଖରେ ଆଭିଯୋଗ କରିଥିବା ଜଣାପଡିଛି। ଉକ୍ତ ଅଭିଯୋଗକୁ ଭିତିକରି ବନ୍ତଳା ପଞ୍ଚାୟତ ସରପଞ୍ଚଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଫୋନ୍ କରିଥିଲେ ମଧ ସେ ଫୋନ୍ ରିସିଭ୍ କରିନଥିଲେ। ଏହି ବିଷୟରେ ବଡଚଣା ବିଡିଓ ରବି ପ୍ରଧାନ ଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।

## ଭେଟିନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ

ବାଣପୁର : ( ମହାଭାରତ )ଭେଟିନାଥ ଦେବ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଭେଟେଶ୍ୱର ଠାରେ ଦୀର୍ଘ ୭ଦିନ ଧରି ଚାଲିଥିବା ବ୍ଲକ ସ୍ତରୀୟ କ୍ରିକେଟ ଟୁର୍ନାମେ□ ଶନିବାର ଉଦଯାପିତ ହୋଇଯାଇଛି । ଉକ୍ତ ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଦଳ ଯୋଗ ଦେଇଥିବା ବେଳେ ଆଜିର ଫାଇନାଲ ମ୍ୟାଚରେ ବିଂଝଳା କଙ୍ଗାରୁ ସ୍ପୋର୍ଟିଙ୍ଗ କ୍ଲବ ଏବଂ ଭେଟେଶ୍ୱର ଭେଟିନାଥ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

## ପାରାଦୀପ ପୌରପାଳିକା ପକ୍ଷରୁ ଜଳ ସେବା କେନ୍ଦ୍ର ଉଦଘାଟିତ

ପାରାଦୀପ (ମହାଭାରତ): ପ୍ରତିବର୍ଷ ପରି ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ପାରାଦୀପ ପୌରାଞ୍ଚଳ ର ବିଭିନ୍ନ ୱାର୍ଡ ଅନ୍ତର୍ଗତ ମୁଖ୍ୟ ଛକ ମାନଙ୍କରେ ପଥଚାରି ଙ୍କ ତୃଷ୍ଣା ନିବାରଣ ପାଇଁ ପୌରପାଳିକା ପକ୍ଷରୁ ଜଳ ସେବା କେନ୍ଦ୍ର ଖୋଲା ଯାଉଛି । ଏହି ପରିପ୍ରେକ୍ଷୀରେ ୧୫ ନମ୍ବର ୱାର୍ଡ ଅନ୍ତର୍ଗତ ବଡ଼ପଡ଼ିଆ ଥାନା ଛକ ନିକଟସ୍ତ ଟ୍ୟାକ୍ସି ଷ୍ଟାଣ୍ଡ ଛକ ଠାରେ ଶୁକ୍ରବାର ଦିନ ଏକ ଜଳସେବା କେନ୍ଦ୍ର କୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ୧୫ ନମ୍ବର ୱାର୍ଡ ର ପାରିଷଦ ସୌଦାମିନୀ ସାହୁ, ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସ୍ମୃତି ସ୍ୱାଇଁ, ବଣିକ ସଙ୍ଘ କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ବରିଷ୍ଠ ପାରିଷଦ ଜଗନ୍ନାଥ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ୨ ନମ୍ବର ୱାର୍ଡ ଅନ୍ତର୍ଗତ ଅଠରବାଙ୍କୀ ବିଜୁ ପଟନାୟକ ପ୍ରତିମୂର୍ତ୍ତି ନିକଟସ୍ଥ ଛକ ଠାରେ ଜଳ ସେବା କେନ୍ଦ୍ର କୁ ପୌରାଧକ୍ଷ ଉଦଘାଟନ କରିଥିଲେ । ଜଳକଷ୍ଟ ନିବାରଣ ପାଇଁ ସମସ୍ତ ୧୯ ଟି ୱାର୍ଡ ର ବିଭିନ୍ନ ମୁଖ୍ୟ ଯାତାୟତ ପଥ ଛକ ମାନଙ୍କରେ ଏହିପରି ଜଳ ସେବା କେନ୍ଦ୍ର ସ୍ଥାପନ କରାଯିବ ବୋଲି ପୌରାଧକ୍ଷ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ବାରକୋଟ ନୂତନ ଥାନାଧିକାରୀ ଙ୍କୁ ସାମ୍ବାଦିକ ସଙ୍ଘ ବାରକୋଟ ପକ୍ଷରୁ ସ୍ୱାଗତ ସମ୍ବର୍ଧନା

ଦେବଗଡ଼(:ମହାଭାରତ): ଆଜି ଦେବଗଡ଼ ଜିଲ୍ଲା ର ବାରକୋଟ ଥାନାରେ ନୂତନ ଆଇ ଆଇ ସି ଭାବେ ଯୋଗଦେଲେ ମମତା ପାଣିଗ୍ରାହୀ। ଏହି ଅବସରରେ ବାରକୋଟ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣେଇବା ସହ ବାରକୋଟ ଥାନା ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ପୋଲିସ ଜନ ସାଧାରଣଙ୍କ ଭିତରେ ପୋଲିସର କିଭଳି ସୁ ସମ୍ପର୍କ ସ୍ଥାପନ ହୋଇପାରିବ ଏବଂ ଅଂଚଳର ଯାହାକି ଦୁର୍ଘଟଣା,ଘଟଣା ପୋଲିସ ନିକଟକୁ ସହଜରେ ସାମ୍ବାଦିକ ତଥା ଲୋକଙ୍କ ମାଧ୍ୟମରେ ଆସିପାରିବ ଏବଂ ପୋଲିସ ଲୋକଙ୍କର ନିକଟରେ ଅଧିକ ନିକଟତର କିଭଳି ହୋଇପାରିବ ସେ ଉପରେ ଆଲଚନା କରାଯାଇଥିଲା। ଏଥିରେ ବାରକୋଟ ସାମ୍ବାଦିକ ସଂଘ ରସାମ୍ବାଦିକ , ଗଣନାଥ ମହା ପତ୍ର, ଟୁକୁ ନନ୍ଦ,ବିଶ୍ ବିଞ୍ଜ ନନ୍ଦ,ସୁଦାମ ବେହେରା,ପୁଷ୍ପାଞ୍ଜଳି ବେହେରା,ସୁରୁ ଗୁରୁ, ବାବଲୁ ଗୁରୁ,ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ପରିବେଶ ସମିତିର ବିଶ୍ୱ ଜଳ ପାଳନ



ବଡ଼ଚଣା ( ମହାଭାରତ): ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆରେଇକଣା ସମ୍ମିଳନୀ କକ୍ଷରେ ଜିଲ୍ଲା ପରିବେଶ ସମିତି ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ବିଶ୍ୱ ଜଳ ଦିବସ ପାଳନ ଓ ଏକ ଆଲୋଚଜନା ଚକ୍ର ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଯାଜପୁର ଜିଲ୍ଲାର ଉଦ୍ୟାନ ବିଭାଗର ଅଧିନିରୀକ୍ଷକ ଶ୍ରୀଯୁକ୍ତ ହରମୋହନ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରି,ପରିବେଶ ସଫା ସୁତୁରା ରଖିବା, ଅଧିକ ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବା, ଜଳ ସଂରକ୍ଷଣ ଓ ପ୍ରଦୂଷଣ ମୁକ୍ତ ରଖିବା ଦ୍ୱାରା ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷିତ ରହିପାରିବ ବୋଲି ବକ୍ତବ୍ୟ ରଖିଥିଲେ ।ସମ୍ମାନୀୟ ଅତିଥି ବିଷ୍ଣୁ ଚରଣ ସାହୁ, ସଞ୍ଜୟ କୁମାର ରାଉତ, ବିଦ୍ୟାଳୟର ଏସ. ଏମ. ସି ସଭାପତି ଦେଷ୍ମନ୍ତ କୁମାର ରାୟ ପ୍ରଦୂଷଣ ନିୟନ୍ତ୍ରଣ କରି କିପରି ମେରୁ ଅଞ୍ଚଳର ବରଫ ପାହାଡ଼ ସଂରକ୍ଷଣ କରା ସହିତ ବିଶ୍ୱ ତାପ ମାନ ନିୟନ୍ତ୍ରଣ, ସମୁଦ୍ରର ଜଳପତନ ବୃଦ୍ଧି ନିୟନ୍ତ୍ରଣ ଓ ଜୀବଜଗତର ସୁରକ୍ଷା କରାଯାଇ ପାରିବ ତାହା ବର୍ଣ୍ଣନା କରିଥିଲେ ।ବିଜ୍ଞାନ ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡଃ ଶରତ କୁମାର ସାହୁ ବିଶ୍ୱ ଜଳ ଦିବସ ପାଳନର ଉଦେଶ୍ୟ,ଆବଶ୍ୟକତା, ଉପାଦେୟତା ସମ୍ବନ୍ଧରେ ଓ ଆଲୋଚନା ଚକ୍ରର ବିଷୟ ବସ୍ତୁ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ ।ଜଳ ସମ୍ପଦର ସଂରକ୍ଷଣ ଓ ଏହାକୁ ପ୍ରଦୂଷଣ ମୁକ୍ତ ରଖିବା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ଲକର ବିଭିନ୍ନ ଇକୋ କ୍ଲ ସ୍କୁଲ ରୁ ଆସିଥିବା ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଉଚ୍ଚ ବିଦ୍ୟାଳର ଛାତ୍ରୀ ମାନେ ଉଦ୍ବୋଧନୀ ସଂଗୀତ ପରିବେଷଣ କରିଥିଲେ। ଦେବ ରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।ଉକ୍ତ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ ଜଳ ଦିବସ ପାଳନ ଓ ଆଲୋଚନା ଚକ୍ରରେ ସହଯୋଗ କରିଥିଲେ।

## ଦୁଇ ବରାହ ଶିକାରୀଙ୍କୁ ଗିରଫ କଲା ବନ ବିଭାଗ



ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ବଡ଼ମାଲ ଗୋଲାବାରୁଦ କାରଖାନା ନିକଟରେ ଥିବା ମାର୍କେଟ କମ୍ପ୍ଲେକ୍ସ ଜଙ୍ଗଲ ବିଦ୍ୟୁତ ତାର ବିଛାଇ ଦୁଇ ବ୍ୟକ୍ତି ବରାହ ଶିକାରୀ କରୁ ଥିବା ନେଇ ବନ ବିଭାଗ ଖବର ପାଇବା ପରେ ଉକ୍ତ ସ୍ଥାନରେ ଚଢ଼ାଉ କରି ଦୁଇ ଜଣ ଙ୍କୁ ଧରିବାରେ ସଫଳ ହୋଇଛି। ମୃତ ବରାହ କୁ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତ ଙ୍କୁ ଗିରଫ କରିଛି ବନ ବିଭାଗ। ଅଭିଯୁକ୍ତ ମାନେ ହେଲେ ସଇଁତଲା ଥାନା ନୂଆପଡା ଗାଁର ଦଶମୋଜ ସାହୁ ଓ ପ୍ରମୋଦ ସାହୁ ବୋଲି ଟିଟିଲାଗଡ଼ ରେଞ୍ଜର ସଚିତା ନନ୍ଦ ସୁବୁଦ୍ଧି ସୂଚନା ଦେଇଛନ୍ତି , ଅନ୍ୟପଟେ ବଡ଼ମାଲ ଗୋଲାବାରୁଦ କାରଖାନା ର ସୁରକ୍ଷା ପାଇଁ ଅନେକ ସୁରକ୍ଷା କର୍ମୀ ନିୟୋଜିତ ହୋଇ ଥିବା ବେଳେ ବନ୍ୟ ଜନ୍ତୁ ଙ୍କ ସୁରକ୍ଷା କୁ ନେଇ ଉଠିଲା ପ୍ରଶ୍ନ।

## ଆସିକା ପନ୍ୟାଗାର ଚାଉଳ ଗାଡି ଓଲ୍‌ହାଇବା କୁ ନେଇ ମିଲର ଓ ଅଧିକାରୀଙ୍କ ମଧ୍ୟରେ ପାଟିତୁଣ୍ଡ



ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା କର୍ଣ୍ଣଲି -ଖଣ୍ଡଦେଉଳି ଠାରେ ଥିବା କେନ୍ଦ୍ରୀୟ ପଣ୍ୟଗାର ନିଗମରେ ସରକାର ଙ୍କ ନିୟମ ମାନୁ ନାହାନ୍ତି ମିଲରୟ କେନ୍ଦ୍ରୀୟ ପଣ୍ୟଗାର ନିଗମରେ ଥିବା ସିଡବ୍ଲୁସି,ଯୋଗାଣ ବିଭାଗର ଚାଉଳ ସଂଗ୍ରହକାରି ଅଧିକାରୀ (ପି. ଆଇ ), ଗୁଣଭତ୍ତା ଅଧିକାରୀ, ମ୍ୟାନେଜର ଓ ମିଲର ମଧରେ ସମନ୍ୱୟ ଅଭାବରୁ ଦୀର୍ଘ ୬ଦିନ ହେଲା ଛିଡା ହୋଇଛି ୬ରୁ ଉର୍ଦ୍ଧ ଚାଉଳ ଟ୍ରକ ।ଚଳିତ ବର୍ଷ ଚାଷୀ ମାନଙ୍କ ଠାରୁ ମଣ୍ଡି ମାଧମରେ ଧାନ ସଂଗ୍ରହ କରିଥିଲେ ମିଲର ମାନେ । ବର୍ତମାନ ଧାନ କୁ ମିଲିଙ୍ଗ କରି ଚାଉଳ ପକେଟ ଉକ୍ତ ଗୋଦାମ କୁ ଯୋଗାଇବା ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ରେ ଚୁକ୍ତିନାମ ହୋଇଛି । ହୋଇଥିବା ଚୁକ୍ତି ଅନୁସାରେ ଗତ ୧୭ ତାରିଖରେ ପନ୍ୟାଗାର କୁ ଚାଉଳ ଆଣିବା ପାଇଁ ତାରିଖ ଧର୍ଯ୍ୟ କରି ନିଗମ ପକ୍ଷରୁ ମିଲର ମାନଙ୍କୁ କୁହାଯାଇଥିଲା ।ସେହି କ୍ରମ ରେ ମିଲର ମାନେ ମିଲ ରୁ ଚାଉଳ ଟ୍ରକ ଯୋଗେ ନିଗମ କେନ୍ଦ୍ର କୁ ଆଣଥିଲେ । ହେଲେ ଚାଉଳ ଗାଡ଼ିରୁ ଖାଲି ନହେବାର କାରଣ ଚାଉଳ ସଂଗ୍ରହକାରି ଅଧିକାରୀ (ପି. ଆଇ ),ଙ୍କୁ ପଚାରିବାରୁ ନିୟମ ମୂତାବକ ମିଲର ମାନେ ନିଜର ଶ୍ରମିକ ମଧମରେ ଗାଡି ରୁ ଚାଉଳ ଓଲ୍ଲାଇ ଏହାର ଗୁଣଭତା କୁ ଅଧିକାରୀ ନିଶ୍ଚିତ କଲା ପରେ ଚାଉଳ ଓଜନ କରି ଗୋଦାମ ମଧ୍ୟକୁ ଠିକା ସଂସ୍ଥା ପକ୍ଷରୁ ନିୟୋଜିତ ଶ୍ରମିକ ମାନଙ୍କ ଦ୍ୱାରା ଗୋଦାମ ଘରେ ରହିବା ନିୟମ ରହିଛି। ହେଲେ ମିଲର ମାନଙ୍କ କହିବା କଥା ହେଲା ଗୋଟିଏ ଟ୍ରକ ରେ ଆସିଥିବା ୫୮୦ ପକେଟ ଚାଉଳ ବସ୍ତା ଗାଡ଼ିରୁ ଓଲ୍ଲାଇ ତଳେ ରଖିବା ନିମନ୍ତେ କୌଣସି ସୁବିଧା ନାହିଁ । ମିଲର ମାନେ କହିବା ପ୍ରକାରେ ପ୍ରଥମେ ଚାଉଳ ଗାଡ଼ିରୁ ଓଲ୍ଲାଇ ଗୋଦାମ ଘରେ ରଖିବାକୁ ସୁଯୋଗ ଦିଅନ୍ତୁ । ତାପରେ ଚାଉଳ ର ଗୁଣଭତ୍ତା ପରୀକ୍ଷା ପରେ ନିୟମ ଅନୁସାରେ ଚାଉଳ ନେଟ ମାରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଅଧିକାରୀ ମାନେ ଶୁଣିବାକୁ ନିୟମ ଭାଙ୍ଗିବାକୁ ରାଜି ହେଉନାହାଁନ୍ତି ।ଏନେଇ ଆଜି ସକାଳୁ ଦିନ ତମାମ ମିଲର ମାନେ ପନ୍ୟାଗାର ଅଧିକାରୀ ମାନଙ୍କୁ ପାଟିତୁଣ୍ଡ ମାରପିଟ କରିଥିବା ଦେଖିବାକୁ ମିଳିଥିଲାଏହି ସବୁ ଘଟଣାକୁ ପନ୍ୟାଗାର ଗୁଣାବତ୍ତା ଅଧିକାରୀ ନିଜ ମୋବାଇଲରେ ରେକଡ଼ିଂ କରିଥିଲେ । ଏହାପରେ ମିଲରମାନେ ଅଧିକାରୀ ଜଣକୁ ପାଟିତୁଣ୍ଡ ଠେଲାପେଲା କରିଥିଲେ ଏହାପରେ ଅଧିକାରୀ ଜଣଙ୍କ ନିଜକୁ ଗୋଟିଏ କୋଠରୀ ମଧରେ ବନ୍ଦ କରି ରଖିଥିବା ର ଶୁଣିବାକୁ ମିଳିଥିଲା। ସନ୍ଧ୍ୟା ବେଳ ପର୍ଯ୍ୟନ୍ତ ପନ୍ୟାଗାର ଭିତରେ ଉତ୍ତେଜନା ଲାଗିଥିଲା।

## ବିଶିଷ୍ଟ ଶିକ୍ଷାବିତ ସମ୍ମାନରେ ସମ୍ମାନିତ ହେଲେ ଆଦର୍ଶ ସମୂହ ଶିକ୍ଷାନୁଷ୍ଠାନ ର ପ୍ରତିଷ୍ଠାତା ଡ଼ଃ ମହେଶ ଧଳ




ଅନୁଗୋଳ ,(ମହାଭାରତ):ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି ‘କଳିଙ୍ଗ ଟିଭିର କନକ୍ଲେଭ ପ୍ରଗତି ପଥେ ଓଡ଼ିଶା। ଏଥିରେ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେଡି ବିଧାୟକ ଅରୁଣ ସାହୁ ଯୋଗ ଦେଇଥିଲେ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପିସିସି ସଭାପତି ଭକ୍ତ ଚରଣ ଦାସ କଟକ ମେୟର ସୁବାସ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅଭିଭାଷଣ ରଖିଥିଲେ । କଳିଙ୍ଗ ଟିଭି ଆନୁକୁଲ୍ୟରେ ହୋଟେଲ ମେ ଫେୟାର ଠାରେ ଆୟୋଜିତ କନକ୍ଲେଭ ରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣି ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଓଡ଼ିଶା ର ଅଗ୍ରଣୀ ଶିକ୍ଷନୁଷ୍ଠାନ ଆଦର୍ଶ ଅନୁଷ୍ଠାନ ସମୂହ ର ପ୍ରତିଷ୍ଠାତା ଡ. ମହେଶ ଚନ୍ଦ୍ର ଧଳ, ବିଶିଷ୍ଟ ଶିକ୍ଷାବିତ ସମ୍ମାନ ରେ ସମ୍ମାନିତ ହୋଇ ଉତ୍ତରିୟ ଓ ମାନପତ୍ର ଗ୍ରହଣ କରିଥିଲେ ।

## ବିଶୋଇ ଅଂଚଳରେ କାଳବୈଶାଖୀ ଉତ୍ପାତରେ ବହୁ ପଶୁପକ୍ଷୀ ମୃତାହତ



ରାଇରଙ୍ଗପୁର (ମହାଭାରତ): କାଳ ବୈଶାଖୀ ରେ ମୟୂରଭଞ୍ଜ ଜିଲ୍ଲାର ବିଶୋଇ ବ୍ଲକର ବିଭିନ୍ନ ଗ୍ରାମରେ ହୁ ଗୃହ ପାଳିତ ପଶୁ ଓ ପକ୍ଷୀ ଙ୍କର କ୍ଷୟକ୍ଷୀତି ଆକଳନ କରି ରାଇରଙ୍ଗପୁର ପ୍ରାଣୀ ଚିକିତ୍ସା ଅଧିକାରୀଡକ୍ଟର ରାମ ମୋହନ ରାୟ ରାଇରଙ୍ଗପୁର ଉପଜିଲ୍ଲାପାଳ ଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ଏହି କ୍ଷିୟକ୍ଷିତି ଆକଳନ ରେ ରାଇରଙ୍ଗପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ରାମ ମୋହନ ରାୟ ଙ୍କ ନେତୃତ୍ୱ ରେ ଏକ ଡାକ୍ତରୀ ଦଳ ବିଶୋଇ ବ୍ଲକର ୧୫ ରୁ ଉର୍ଦ୍ଧ୍ୱ ଗାଁରେ ଘର ଘର ବୁଲି ପଶୁ ଓ ପକ୍ଷୀଙ୍କ କ୍ଷିୟକ୍ଷିତି ର ଆକଳନ କରି ଉପଜିଲ୍ଲାପାଳ ଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି ।ଏହାପରେ ସରକାର ସେମାନଙ୍କ କ୍ଷୟକ୍ଷତି ଭରଣା ପାଇଁ ସରକାରୀ ସହାୟତା ଯୋଗାଇବେ ଯତଦସହ ପ୍ରାଣୀ ଚିକିତ୍ସାଳୟ ବିଭାଗ ତରଫରୁ ଆହତ୪୫ ଟି ଗାଈ ଏବଂ ଗୋରୁ,୧୭୯ ଟି ଛେଳିଓ ଘୁଷୁରୀ କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି ।

## ସ୍ୱର୍ଗତ ଡ଼ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି, ବିଜୁ ଜନତା ଦଳ ପକ୍ଷରୁ ଶୋକସଭା

ହିନ୍ଦୋଳ(ମହାଭାରତ)ଓଡିଶାରେ ଜାତୀୟ ରାଜପଥ ସମ୍ପ୍ରସାରଣ ଓ ଉର୍ଣ୍ଣତିକରଣର ମୁଖ୍ୟ ବିନ୍ଧାଣି ତଥା ପୁରୋଧା ଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ବୋଲି ବିଜୁ ଜନତା ଦଳ ପକ୍ଷରୁ ହିନ୍ଦୋଳ ର୍ନିବାଚନ ମଣ୍ଡଳୀରେ ଆୟୋଜିତ ଶୋକ ସଭାରେ କହିଛନ୍ତି ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ। ଆଜି ସାତମାଇଲ ସ୍ଥିତ ବିଜେଡି କାର୍ଯ୍ୟାଳୟ ଠାରେ ମହେଶ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଶୋକ ସଭାରେ ଡାକ୍ତର ପ୍ରଧାନଙ୍କ ତୈଳଚିତ୍ର ସମ୍ମୁଖରେ ଦ୍ୱୀପ ପ୍ରଜ୍ୱଳନ କରାଯାଇ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରା ଯାଇଥିଲା ଏବଂ ଉପସ୍ଥିତ ଅତିଥିଗଣ ଶୋକ ସନ୍ତପ୍ତ ପରିବାରବର୍ଗ ଓ ସ୍ୱର୍ଗତ ପ୍ରଧାନଙ୍କ ସୁପୁତ୍ର ଓଡିଶାର ଜଣାଶୁଣା ନେତା କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମବେଦନା ଜଣାଯାଇଥିଲା। ।ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ସାଂସଦ ମହେଶ କହିଥିଲେ ଯେ ଡାକ୍ତର ପ୍ରଧାନ ତାଙ୍କ ରାଜନୈତିକ ଗୁରୁ ଥିଲେ ଏବଂ ଓଡିଶାର ଅନେକ ଜନହିତକର କାର୍ଯ୍ୟ ସହ ଓଡିଶାର ଜାତୀୟ ରାଜପଥକୁ ନୂଆରୂପ ଦେଇ ଓଡିଶା ବାସୀଙ୍କ ପ୍ରିୟ ଭାଜନ ହୋଇପାରିଥିଲେ।

## ବାବା ଚମ୍ପେଶ୍ୱର ଟିପର ସଙ୍ଘ ତରଫରୁ ଅନ୍ଧ, ମୂକ, ବଧିର ଆଶ୍ରମ ପରିଦର୍ଶନ ଓ ଶୁଖିଲା ଖାଦ୍ୟ ବଣ୍ଟନ



ଅନୁଗୋଳ,(ମହାଭାରତ): ଛେଳିଆପଡ଼ାରେ ଥିବା ବାବା ଚମ୍ପେଶ୍ୱର ହାଇୱା ଓ ଟିପର ସଙ୍ଘ ତରଫରୁ ଆଜି ସ୍ୱତନ୍ତ୍ର ଅନ୍ଧ, ମୂକ ବଧିର ଆଶ୍ରମ ପରିଦର୍ଶନ କରାଯାଇଥିଲା । ସଂଘର ସଭାପତି ଅନାଦି ସାହୁ ଅନ୍ତେବାସୀ ଙ୍କ ସହ ଭାବ ବିନିମୟ କରିବା ସହ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସମ୍ପାଦକ ର୍ନିମଳ ପ୍ରଧାନ ଓ ସଦସ୍ୟ ସରୋଜ କର, ସତ୍ୟମ ପରିଡା, ସନ୍ତୋଷ ସାହୁ, ସ୍ୱେଛାସେବୀ ଜୁଲୁ କୁମାର ସାହୁ, ଶରତ କୁମାର ନାୟକ ସଂଘ ତରଫରୁ ଉପସ୍ଥିତ ରହି ଚାଉଳ, ଡାଲି ତେଲ, ବିସ୍କୁଟ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ୨୫ ଜଣ ଅନ୍ତେବାସୀ ଥିବା ଏହି ସ୍ୱତନ୍ତ୍ର ଦୃଷ୍ଟି ବାଧିତ, ଅନ୍ଧ,ମୂକ, ବଧିର ଆଶ୍ରମ ଟି କୌଣସି ସରକାରୀ ଅନୁଦାନ ପ୍ରାପ୍ତ ହୋଇନଥିବା ରୁ ଚମ୍ପେଶ୍ୱର ଟିପର ସଙ୍ଘ ର ସହାୟତା ପ୍ରଶଂସନୀୟ ଅଟେ।

## ବାଲ୍ୟ ବିବାହ ବନ୍ଦ କଲା ଜିଲ୍ଲା ପ୍ରଶାସନ



ଗଜପତି(ମହାଭାରତ): ଆସନ୍ତା ମାସରେ କାଶିନଗର ବ୍ଲକ ରୟଣିପେଣ୍ଠ ଗ୍ରାମରେ ଏକ ବିବାହ ହେବାକୁ ସ୍ତିର ହୋଇଥିବା ବିଷୟ ଶିଶୁ ବିକାଶ ପକଳ୍ପ ଅଧିକାରୀ କାଶିନଗର ବିଶେଷ ସୂତ୍ରରୁ ଖବର ପାଇବା ପରେ ସଙ୍ଗେ ସଙ୍ଗେ ପୁଲିସ, ଶିଶୁ ମଙ୍ଗଳ ସମିତି ,ଶିଶୁ ସୁରକ୍ଷା ଅଧିକାରୀ,ଚାଇଲ୍ଡ ହେଲ୍ପ ଲାଇନ , ୱାନ ସ୍ଟପ ସେଂଟର୍ କୁ ପତ୍ର ମାୟଧମରେ ଜଣାଇଥିଲେ । ଆଜି ତା ୨୧.୩ ୨୦୨୫ ରିଖରେ ଉପରୋକ୍ତ ସମସ୍ତ ବିଭାଗରୁ ଅଧିକାରୀ ଓ କର୍ମୀ ମିଳିତ ଭାବରେ ରୟଣିପେଣ୍ଠ ଗ୍ରାମକୁ ଯାଇ ବାଲ୍ୟ ବିବାହ କରିବାକୁ ଯୋଜନା କରିଥିବା ଶିଶୁ ଓ ତାଙ୍କର ପିତାମାତା ଓ ଗ୍ରାମର ଭାଦ୍ର ବ୍ୟକ୍ତିଙ୍କୁସାକ୍ଷାତ କରି ଏକ ସଭାର ଆୟୋ ଜନ କରି ବାଲ୍ୟ ବିବାହ କରାଇବା ଏକ ଅପରାଧ ଅଟେ ଓ ଏଥିପାଇଁ ଜେଲ ଯିବାର ବେବସ୍ଥା ରହିଥିବା ବେଳେ ଜୋରିମାନା ଦେବାକୁ ପଡ଼ିଥାଏ ବୋଲି ଶିଶୁ ର ପିତା ମାତା ଙ୍କୁ ପ୍ରାଞ୍ଜଳ ଭାବରେ ବୁଝା ଇ ଥିଲେ । ଶିଶୁର ପିତା ମାତା ନିଜ ଝିଅର ବିବାହ ସ୍ଥିର କରିଥିବା କଥା ସ୍ୱୀକାର କରିଥିଲେ ଏବଂ ନିଜ ଝିଅ ବର୍ତମାନ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ଆଗକୁ ୧୮ ବର୍ଷ ନ ହେଲା ପର୍ଯ୍ୟନ୍ତ ବିବାହ କରାଇବେ ନାହିଁ ବୋଲି ନିଜେ ଘୋଷଣା କରିବା ସହ ଏକ ସ୍ୱୀକାରଉକ୍ତି ଲେଖି ଦେଇଥିଲେ କି ବର୍ତମାନ ତାଙ୍କ ଝିଅକୁ ପାଠ ପଢେଇବେ ଓ ତାର ସମସ୍ତ ଯତ୍ନ ନେବେ। ୧୮ ବର୍ଷ ପୂରଣ ହେଲେ ବିବାହ ଦେବେ ବୋଲି ଜଣାଇଥିଲେ । ପରେ ପରେ ସମସ୍ତ ଅଧିକାରୀ ଝିଅର ବିବାହ ସ୍ଥିର ହୋଇଥିବା ପୁଅଘର ପୋଲୁରୁ ଗ୍ରାମକୁ ଯାଇ ପୁଅ ଓ ତାଙ୍କର ପରିବର୍ବର୍ଗଙ୍କୁ ବାଲ୍ୟ ବିବାହ ଏକ ଅପରାଧ ଅଟେ ଝିଅକୁ ୧୮ ବର୍ଷ ହେଲା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବୁଝାଇ ଥିଲେ । ବିବାହ କରିବାକୁ ପ୍ରସ୍ତୁତ ହେଉଥିବା ପୁଅ ଜଣକ ସମସସ୍ତ କଥା ମାନିଝିଅକୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଜଣାଇ ଥିଲେ। ଶିଶୁ ମଙ୍ଗଳ ସମିତି ଙ୍କ ନିର୍ଦ୍ଦେଶ କ୍ରମେ ଶିଶୁର ପିତା ଶିଶୁଙ୍କୁ ଚାଇଲ୍ଡ ହେଲ୍ପ ଲାଇନ ସହଯୋଗରେ ଶିଶୁ ମଙ୍ଗଳ ସମିତି ପାରଳାଖେମୁଣ୍ଡି ନିକଟରେ ଉପସ୍ଥିତ କରାଇଥିଲେ। ଶିଶୁ ମଙ୍ଗଳ ସମିତି ଶିଶୁ ସହ ଆଲୋଚନା କରି ସମସ୍ତ କାଗଜପତ୍ର ସଂଗ୍ରହ କଲାପରେ ଶିଶୁ ର ପିତାଙ୍କୁ କେତେଗୋଟି ସର୍ତରେ ହସ୍ତାନ୍ତର କରିଛନ୍ତି।

## ବାପୁଜୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାଲିପାଟଣା;( ମହାଭାରତ)ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ମକୁନ୍ଦାଶ ପୂର୍ ପଞ୍ଚାୟତ ର ସେଉଳକୁଣ୍ଡ ଠାରେ ବାପୁଜୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଅଛି। ବିଦ୍ୟାଳୟର ସଭାପତି ଦିଲ୍ଲୀପ୍ କୁମାର ଖଟେଇଙ୍କ ଅଧକ୍ଷତା ରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଲତା ରାଉତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ନାରାୟଣ ବେହେରା,, ପଞ୍ଚାୟତ ସରପଞ୍ଚ ସୋମନାଥ ଖଟେଇ,ସହକାରୀ ଶିକ୍ଷକ ବିଜୟ କୁମାର ଦାଶ,ପୂର୍ବତନ ପ୍ରଧାନ ଶିକ୍ଷକ ଧୋବେଇ ପ୍ରଧାନ,ସନ୍ତୋଷ ଦାଶ,ଭରତ ସାହୁ,,କାଳନ୍ଦୀ ଘୋଷ,ସଞ୍ଜୟ ଖଟେଇପ୍ରମୁଖ ଯୋଗଦେଇଥିଲେ।ଏହାପରେ ଅନୁଷ୍ଠାନ ପକ୍ଷରୁ କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯିବା ସହ କୁନି କୁନି କଳାକାର ଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଚିତ୍ତାକର୍ଷକ ଥିଲା।

## ମହାବାରୁଣୀ ସ୍ନାନ ନିମନ୍ତେ ପ୍ରସ୍ତୁତି ବୈଠକ

ଆସିକା (ମହାଭାରତ):ଗଞ୍ଜାମ ଜିଲ୍ଲା ଆସିକା ଏବଂ ବରଗାଁ ରେ ଆସନ୍ତା ଗୁରୁବାର ଦିନ ହେବାକୁ ଥିବା ପବିତ୍ର ମହାବାରୁଣୀ ସ୍ନାନ ନିମନ୍ତେ ଭକ୍ତ ମାନଙ୍କ ଶାନ୍ତି ଶୃଙ୍ଖଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଥାନା ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୬ ତାରିଖ ଗୁରୁବାର ରେ ଅନୁଷ୍ଠିତ ହେବାକୁ ଥିବା ଋଷିକୂଲ୍ୟା ଓ ବଡ଼ ନଦୀର ସଙ୍ଗମ ସ୍ଥଳର ଦୁଇ ଗୋଟି ସ୍ଥାନରେ ହେବାକୁ ଥିବା ମହାବାରୁଣୀ ସ୍ନାନ ଅବସର ରେ ହଜାର ହଜାର ଲୋକ ଉପସ୍ଥିତ ରହି ପିତୃ ପୁରୁଷଙ୍କ ପିଣ୍ଡ ଦାନ, ଅସ୍ଥି ବିସର୍ଜନ, ଏବଂ ସଙ୍ଗମ ସ୍ଥାନ ରେ ସାଉ ନିମନ୍ତେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଙ୍କ ଅଧକ୍ଷତାରେ ତହସିଲଦାର ସଂଗୀତା ସେଣ, ଆସିକା ବିଡ଼ିଓ ଲିପନା ଦାସ କୋଟିନାଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ,ଆସିକା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଅମ୍ବିକା ବେଣିଆ,ପ୍ରମୁଖ ଉପସ୍ଥିତ ରହିଥିଲେ।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ଉପରେ ପ୍ରଥମ ଆନ୍ତର୍ଜାତୀୟ ସମ୍ମିଳନର ଉଦଘାଟନ ଅଧିବେଶନ



ଆଜି ଭାରତର , ଓଡ଼ିଶାରେ ଅବସ୍ଥିତ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ , ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା (ସିୟୁଟିଏମ୍) ରେ ପ୍ରଥମ ଅନ୍ତର୍ଜାତୀୟ ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ସମ୍ମିଳନୀ (ଏମଆଇଡିଏଏସ୍-୨୦୨୫) ଉଦ୍ଘାଟିତ ହୋଇଅଛି। ମାର୍ଚ୍ଚ ୨୧ ରୁ ୨୨, ୨୦୨୫ ପର୍ଯ୍ୟନ୍ତ ମିଶ୍ରିତ ପଦ୍ଧତି ରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ସ୍ପ୍ରିନଜର ବୈଷୟିକ ଭାବରେ ସହ-ପ୍ରାୟୋଜିତ କରିଛନ୍ତି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପ୍ରମୁଖ ଗବେଷକ, ଶିଳ୍ପ ବିଶେଷଜ୍ଞ ଏବଂ ଶିକ୍ଷାବିମାନଙ୍କୁ ଏକାଠି କରି ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ସଦ୍ୟତମ ଉନ୍ନତି ବିଷୟରେ ଆଲୋଚନା କରିବାୟ ସକାଳ ଘ ୧୦:୩୦ମି ରେ ଅନୁଷ୍ଠିତ ଏହି ଉଦଘାଟନୀ ଅଧିବେଶନରେ ଶିକ୍ଷା ଏବଂ ଶିଳ୍ପର ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ଏବଂ ବିଶେଷଜ୍ଞ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଆରମ୍ଭ, ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ ଏକ ଆତ୍ମପୂର୍ଣ୍ଣ ଜଗନ୍ନାଥ ବନ୍ଦନା ସହିତ ହୋଇଥିଲା, ଯାହା କାର୍ଯ୍ୟକ୍ରମ ପାଇଁ ଏକ ଶ୍ରଦ୍ଧାଳୁ ଏବଂ ଶୁଭ ସ୍ୱର ସୃଷ୍ଟି କରିଥିଲା। ସଂଯୋଜକ ପ୍ରଫେସର ଅଶୋକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ, ଅତିଥି ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ବିଶ୍ୱବ୍ୟାପୀ ପ୍ରସିଦ୍ଧ ଅନୁଷ୍ଠାନର ମୁଖ୍ୟ ବକ୍ତାମାନଙ୍କୁ ପ୍ରାଧାନ୍ୟ ଦେଇଥିଲେ, ଯେଉଁଥିରେ ପ୍ରଫେସର ବି. ରାମକୁମାର (ଆଇ.ଆଇ.ଟି ଭୁବନେଶ୍ୱର), ପ୍ରଫେସର ଭିନସେଞ୍ଜୋ ପିଉରି (ୟୁନିଭର୍ସିଟାଡେଗ୍ଲି ଷ୍ଟୁଡି ଡି ମିଲାନୋ, ଇଟାଲୀ), ପ୍ରଫେସର ଡ଼ଃ ମିହିର ଏନ. ମହାନ୍ତି (ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା), ଶ୍ରୀଯୁକ୍ତ ଶଶି ଶେଖର ଝା (ଟନେଲ୍ ଆଇଡି), ଏବଂ ଶ୍ରୀମତୀ ଲୁସି ଶର୍ମା (ଜେଡକେଓଏନ୍ ନେଟୱାର୍କ), ପ୍ରଫେସର ସ୍ୱାଗତମ ଦାସ (ଆଇଏସଆଇ କୋଲକାତା), ପ୍ରଫେସର ସେଲେଷ୍ଟିନ୍ ଇୱେଣ୍ଡି (ବୋଲ୍ଟନ୍ ବିଶ୍ୱବିଦ୍ୟାଳୟ, ୟୁକେ), ଏବଂ ଶ୍ରୀମତୀ ନେହା ଶର୍ମା (ସ୍ପ୍ରିନଜର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍)। ଏହା ପରେ, କାର୍ଯ୍ୟକ୍ରମ ସଭାପତି ପ୍ରଫେସର ଅଭିଷେକ ଦାସ ସମ୍ମିଳନୀର ଏକ ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କଲେ, ସମ୍ମିଳନୀର ଉଦ୍ଦେଶ୍ୟ, ମୁଖ୍ୟ ବିଷୟବସ୍ତୁ ଏବଂ ଦୁଇ ଦିନରେ ଯୋଜନା କରାଯାଇଥିବା ବିବିଧ ଅଧିବେଶନ ଉପରେ ଆଲୋକପାତ କଲେ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସଂସ୍କୃତିକୁ ଏକ କୌଶଳ ବିଶ୍ୱବିଦ୍ୟାଳୟ ଭାବରେ ଆଲୋକପାତ କରିଥିଲେ ଏବଂ ପ୍ରଯୁକ୍ତିବିଦ୍ୟା ସମାଧାନକୁ ଆଗକୁ ବଢାଇବାରେ ଅତ୍ୟାଧୁନିକ ଗବେଷଣା ଏବଂ ଶିଳ୍ପ-ଶିକ୍ଷା ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ର କୁଳସଚିବ ଏବଂ ଜେନେରାଲ ଚେୟାର ପ୍ରଫେସର ଅନିତା ପାତ୍ର, ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ଆଗେଇ ନେବାରେ ଆନ୍ତଃଶାଖାନିକ ସହଯୋଗର ଭୂମିକା ଉପରେ ଗୁରୁତ୍ୱାରୋପ କଲେ। ଆୟୋଜକ ପ୍ରଫେସର ଆଶିଷ ରଞ୍ଜନ ଦାଶ ଏବଂ ପ୍ରଫେସର ସୁଜାତା ଚକ୍ରବର୍ତ୍ତୀ, ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ଜ୍ଞାନ ଆଦାନପ୍ରଦାନ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବାରେ ସମ୍ମିଳନୀର ଗୁରୁତ୍ୱ ଉପରେ ସେମାନଙ୍କର ଅନ୍ତର୍ଦୃଷ୍ଟି ବାଣ୍ଟିଲେ।ମୁଖ୍ୟ ଅତିଥି, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ବି. ରାମକୁମାର, ବାସ୍ତବ-ବିଶ୍ୱ ଚ୍ୟାଲେଞ୍ଜ ସମାଧାନ କରିବାରେ ଯାନ୍ତ୍ରିକ ଜ୍ଞାନ ଗୁରୁତ୍ୱ ଉପରେ ତାଙ୍କର ବିଶେଷଜ୍ଞ ମତାମତ ବାଣ୍ଟି ଭବିଷ୍ୟତର ନବସୃଜନ ପାଇଁ ଏହାର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ପ୍ରଫେସର ମିହିର ଏନ. ମହାନ୍ତି, ଯାନ୍ତ୍ରିକ ଜ୍ଞାନ ଏବଂ ତଥ୍ୟ ବିଜ୍ଞାନ ବିକଶିତ ଦୃଶ୍ୟପଟ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଭାଷଣ ଦେଇଥିଲେ।ଏହା ବ୍ୟତୀତ, ଯାନ୍ତ୍ରିକ ଏବଂ ପ୍ରଯୁକ୍ତିବିଦ୍ୟା ବିଦ୍ୟାଳୟ (ଭାରପ୍ରାପ୍ତ) ପ୍ରଫେସର ସତ୍ୟନାରାୟଣ ପାଢ଼ୀ, ଆୟୋଜକ ଦଳ ଏବଂ ଅଂଶୀଦାରମାନଙ୍କ ସାମୂହିକ ପ୍ରୟାସକୁ ସ୍ୱୀକାର କରିଥିଲେୟ ଏକ ମାଇଲଖୁ କାର୍ଯ୍ୟକ୍ରମ, ସମ୍ମିଳନୀ ସ୍ମାରକୀର ଉନ୍ମୋଚନ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।ଅଧିବେଶନଟି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିବା ଏବଂ କମ୍ପ୍ୟୁଟର ଯାନ୍ତ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ଏବଂ ଏମଆଇଡିଏଏସ୍-୨୦୨୫ ର ସହ-ସଂଯୋଜକ ପ୍ରଫେସର ଧବଳେଶ୍ୱର ରାଓଙ୍କ ଦ୍ୱାରା ହୃଦୟସ୍ପର୍ଶୀ ଧନ୍ୟବାଦ ଅର୍ପଣ ସହିତ ଶେଷ ହୋଇଥିଲା। ଏହି ସମ୍ମିଳନୀ ୨୨ ମାର୍ଚ୍ଚ, ୨୦୨୫ ଦିନ ଘ ୩:୩୦ମି ରେ ଅନୁଷ୍ଠିତ ହେବାକୁ ଥିବା ଶେଷ ଅଧିବେଶନ ସହିତ ଶେଷ ହେବ।

# ନାଗପୁର ହିଂସାର ମାଷ୍ଟରମାଇଣ୍ଡ ଗିରଫ

**ମହାରାଷ୍ଟ୍ର,୨୨।୩(ଏଜେନ୍ସି):** ନାଗପୁର ହିଂସାରେ ମାଷ୍ଟରମାଇଣ୍ଡର ପ୍ରଥମ ଫଟୋ ଜାରି କରିଛି ନାଗପୁର ପୁଲିସ୍ ।ନାଗପୁର ସହରରେ ଘଟିଥିବା ସାମ୍ପ୍ରଦାୟିକ ସଂଘର୍ଷର ମୁଖ୍ୟ ଅଭିଯୁକ୍ତ ଥିଲେ ଫହିମ ଶାମିମ ଖାନ। ଫହିମ୍ ଖାନକୁ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ପୋଲିସ ହେପାଜତକୁ ପଠାଇ ଦିଆଯାଇଛି ।୨୦୨୪ ଲୋକସଭା ନିର୍ବାଚନରେ ନାଗପୁର ନିର୍ବାଚନମଣ୍ଡଳୀରୁ ସଂଖ୍ୟାଲଘୁ ଡେମୋକ୍ରାଟିକ୍ ପାର୍ଟିର ପ୍ରତିନିଧିତ୍ୱ କରି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ।ସାମ୍ପ୍ରଦାୟିକ ସଂଘର୍ଷ ସମ୍ପର୍କରେ ଦାୟର ହୋଇଥିବା ଏଫଆଇଆରରେ ତାଙ୍କ ନାଁ ଆନୁଷ୍ଠାନିକ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ନାଗପୁର ସଂଘର୍ଷରେ ୩୦ରୁ ଅଧିକ ଲୋକ ଆହତ ହୋଇଥିବା ବେଳେ ଏହାକୁ ନେଇ ନୂଆ ନୂଆ ତଥ୍ୟ ହସ୍ତଗତ ହେବାରେ ଲାଗିଛି ।ବରିଷ୍ଠ ବିଜେପି ନେତା ଏବଂ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, କିନ୍ତୁ ୬ ଲକ୍ଷ ୫ ହଜାରରୁ ଅଧିକ ଭୋଟରେ ପରାସ୍ତ ହୋଇଥିଲେ ।୩୮ ବର୍ଷୀୟ ଫହିମ ଖାନ ଏମଡିପିର ନଗର ସଭାପତି ଏବଂ ନାଗପୁରର ଯଶୋଧରା ନଗରର ସଞ୍ଜୟ ବାଗ କଲୋନିର ବାସିନ୍ଦା ।ସାମ୍ପ୍ରଦାୟିକ ସଂଘର୍ଷ ସମ୍ପର୍କରେ ଦାୟର ହୋଇଥିବା



ଏଫଆଇଆରରେ ତାଙ୍କ ନାଁ ଆନୁଷ୍ଠାନିକ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରାଥମିକ ତଦନ୍ତ ଏବଂ ପୁଲିସ ଦ୍ୱାରା ଜାରି କରାଯାଇଥିବା ଏକ ଭିଡିଓରୁ ଜଣାପଡ଼ିଛି ଯେ, ଫହିମ ଖାନ ହିଂସା ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଏକ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ । ଛତ୍ରପତି ସମ୍ଭାଜୀନଗରରେ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ସମାଧିସ୍ଥଳକୁ ହଟାଇବା ଦାବି କରି ଡାହାଣପନ୍ଥୀ ବିରୋଧ ପ୍ରଦର୍ଶନ ସମୟରେ ଏକ ସମ୍ପ୍ରଦାୟର ପବିତ୍ର ଗ୍ରନ୍ଥକୁ ଅପବିତ୍ର କରାଯାଇଥିବା ଗୁଜବକୁ ନେଇ ସୋମବାର ଦିନ ନାଗପୁରର ଚିଟନିସ ପାର୍କ ଅଞ୍ଚଳରେ ହିଂସା ଦେଖାଦେଇଥିଲା । ସୋମବାର ସନ୍ଧ୍ୟାରେ ହିଂସା ଘଟିବା ପରେ ନାଗପୁରର ଅନେକ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଥିଲା ।ଔରଙ୍ଗଜେବଙ୍କ କବର ଭାଙ୍ଗିବା ଦାବିରେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନେ ମୋଗଲ ସମ୍ରାଟଙ୍କ କୁଶ ପୁତ୍ତଳିକା ଦାହ କରିବା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା ।

# 'ପୁରୁଷଙ୍କୁ ପ୍ରତି ସପ୍ତାହରେ ୨ ବୋତଲ ମଦ ମାଗଣା ଦିଅନ୍ତୁ ସରକାର'

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):**କର୍ଣ୍ଣାଟକ ବିଧାନସଭାରେ ଜନତା ଦଳ (ସେକ୍ୟୁଲାର) ବିଧାୟକ ଏମଟି କୃଷ୍ଣପ୍ପା ଏକ ଅଜବ ଦାବି କରିଥିଲେ । ଯାହା ପରେ ଏହି ବିଷୟଟି ଏବେ ସବୁଠାରେ ଆଲୋଚନାର କେନ୍ଦ୍ର ହୋଇଛି । ସେ କହିଥିଲେ ଯେ, ଯଦି ସରକାର ମହିଳାଙ୍କୁ ଏତେ ମାଗଣା ଜିନିଷ ଦେଉଛନ୍ତି, ତେବେ ପୁରୁଷ ମାନଙ୍କୁ ମଧ୍ୟ ପ୍ରତି ସପ୍ତାହରେ ୨ ବୋତଲ ମାଗଣା ମଦ ଦିଆଯିବା ଉଚିତ । ବୁଧବାର ଦିନ ଗୃହରେ ଆଲୋଚନା ସମୟରେ ସେ ଏହା କହିଥିଲେ ।ଏମଟି କୃଷ୍ଣପ୍ପା କହିଥିଲେ,ଅଧ୍ୟକ୍ଷ ମହୋଦୟ, ମୋତେ ଭୁଲ ଭାବନ୍ତୁ ନାହିଁ, କିନ୍ତୁ ଯେତେବେଳେ ଆପଣ ୨ ହଜାର ଟଙ୍କା ମାଗଣା ଦିଅନ୍ତି, ଯେତେବେଳେ ଆପଣ ମାଗଣା ବିଦ୍ୟୁତ ଦିଅନ୍ତି, ତାହା ଆମର ଟଙ୍କା, ନୁହେଁ କି ?' ତେଣୁ ସେମାନଙ୍କୁ କୁହନ୍ତୁ ଯେ ଯେଉଁମାନେ ମଦ୍ୟପାନ କରନ୍ତି ସେମାନଙ୍କୁ ମଧ୍ୟ ସପ୍ତାହରେ ଦୁଇଟି ମାଗଣା ବୋତଲ ଦିଅନ୍ତୁ । ପ୍ରତି ମାସରେ ଦେୟ ଦେବା ସମ୍ଭବ ନୁହେଁ, ନୁହେଁ କି ? କେବଳ ଦୁଇଟି ବୋତଲ । ଏହା ଆମର ଟଙ୍କା ଯାହା ଶକ୍ତି ଯୋଜନା, ମାଗଣା ବସ୍ ଏବଂ କରେଣ୍ଟ ପାଇଁ ଦିଆଯାଉଛି, ନୁହେଁ କି ? ତେବେ ପୁରୁଷ ମାନଙ୍କୁ ସପ୍ତାହରେ ଦୁଇଟି ବୋତଲ ଦେବାରେ ଅସୁବିଧା କେଉଠି ? ଏହାକୁ କରନ୍ତୁ । ସରକାରଙ୍କୁ ଏହା କୋଅପରେଟିଭ୍ ସୋସାଇଟି ମାଧ୍ୟମରେ କରିବାକୁ ଦିଅନ୍ତୁ । ମନ୍ତ୍ରୀ ଜର୍ଜଙ୍କୁ ଏହା କରିବାକୁ ଦିଅନ୍ତୁ । ତେବେ ବିଧାୟକଙ୍କ ପ୍ରଶ୍ନରେ ମନ୍ତ୍ରୀ ଜର୍ଜଙ୍କ ଉତ୍ତର ଆସିଥିଲା । ଏଥିରେ ମନ୍ତ୍ରୀ କହିଥିଲେ ଯେ, ଆପଣ ନିର୍ବାଚନ ଜିତନ୍ତୁ, ସରକାର ଗଠନ କରନ୍ତୁ ଏବଂ ଏହା କରନ୍ତୁ । ଆମେ ଯଥାସମ୍ଭବ ମଦ୍ୟପାନକୁ ସୀମିତ କରିବାକୁ ଚେଷ୍ଟା କରୁଛୁ । ତେବେ ଏହି ପ୍ରସଙ୍ଗରେ ଅଧ୍ୟକ୍ଷ କହିଥିଲେ ଯେ, ଦୁଇଟି ବୋତଲ ମାଗଣା ଦେବାର ଆପଣଙ୍କର ପରାମର୍ଶ ଆମକୁ ଏକ କଷ୍ଟକର ପରିସ୍ଥିତିରେ ପକାଇପାରେ । କଳ୍ପନା କରନ୍ତୁ ଯଦି ଆମେ ଦୁଇଟି ବୋତଲ ମାଗଣାରେ ଦେବା ଆରମ୍ଭ କରିଦେଲୁ ତେବେ ପରିସ୍ଥିତି କିପରି ହେବୟ ଏହା ଉପରେ ଏମଟି କୃଷ୍ଣପ୍ପା କହିଥିଲେ କି, ଯଦି ଆପଣ ଏହାକୁ ମାଗଣାରେ ଦେବେ ତେବେ ପରିସ୍ଥିତି ଆପେଆପେ ସୁଧୁରିଯିବୟତେବେ ଏମଟି କୃଷ୍ଣପ୍ପାଙ୍କ ଏହି ବୟାନ ପରେ ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଛି । କିଛି ନେତା ତାଙ୍କ ବକ୍ତବ୍ୟକୁ ସମାଲୋଚନା ମଧ୍ୟ କରୁଛନ୍ତି । ଲୋକମାନେ କହୁଛନ୍ତି ଯେ ଜଣେ ବିଧାୟକ ଏପରି ଦାବି କିପରି କରିପାରିବେ ?

# ଗାଜା ଆକ୍ରମଣରେ ଦୁଃଖ ପ୍ରକାଶ କଲା ଭାରତ

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):**ଗତ ମଙ୍ଗଳବାର ଗାଜାରେ ହୋଇଥିବା ଆକ୍ରମଣ ପାଇଁ ଭାରତ ଗଭୀର ଦୁଃଖ ପ୍ରକାଶ କରିଛି ।ଇସ୍ରାଏଲ ଦ୍ୱାରା ହୋଇଥିବା ଏହି ଆକ୍ରମଣରେ ଗାଜାର ୪୦୦ ଜଣରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।ତେବେ ଉଭୟ ଦେଶ ମଧ୍ୟରେ ଦୀର୍ଘ ଦୁଇମାସ ହେବ ଚାଲୁଥିବା ଏହି ଛକାପଞ୍ଝା ଖେଳରେ ଅନେକ ଲୋକ ମୃତ୍ୟୁବରଣ କଲେଣି ।ବର୍ତ୍ତମାନ ଗାଜା ବନ୍ଧକ ରଖିଥିବା ଲୋକମାନଙ୍କୁ ଇସ୍ରାଏଲକୁ ଫେରାଇ ଦେଉ ବୋଲି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମଇଏ) ଘୋଷଣା କରିଛି ।



ଏହାସହ ବହୁ ଜଲଦି ଭାରତ ଗାଜାକୁ ମାନବୀୟ ସହାୟତା ପ୍ରଦାନ କରିବ ବୋଲି ଏମଇଏ ଘୋଷଣା କରିଛି ।ଏମଇଏ ଏକ ବିବୃତ୍ତି ଜାରି କରି କହିଛି ଯେ ଗାଜା ସାମ୍ନା କରୁଥିବା ଅସୁବିଧା ପାଇଁ ଆମେ ଦୁଃଖିତ ।ତେବେ ଗାଜା ଜଲଦି ବନ୍ଧକମାନଙ୍କୁ ମୁକ୍ତ କରିଦେବ ବୋଲି ଆମର ଆଶା ରହିଛି ।ଆମେ ବହୁ ଜଲଦି ଗାଜାକୁ ମାନବି ।ସହାୟତା ପ୍ରଦାନ କରିବୁ ବୋଲି କହିଛି ।ଖବର ମୁତାବକ, ଉଭୟ ପକ୍ଷ ଦୁଇମାସର ଅସ୍ତ୍ରବିରତି ମାନିବା ପରେ ବର୍ତ୍ତମାନ ଏହାର ମହଲତ ଶେଷ ହୋଇଛି । ଏହାପରେ ହମାସ ପ୍ରତିପକ୍ଷ ଅସ୍ତ୍ରବିରତି ନେଇ ଇସ୍ରାଏଲ ସହ କୈଣସି କଥାବର୍ତ୍ତା କରିନଥିଲେ କି ବନ୍ଧକମାନଙ୍କୁ ଛାଡି ନଥିଲେ ।ଏହାର ଜବାବରେ ଇସ୍ରାଏଲି ସେନା ଗାଜା ଉପରେ ଆକ୍ରମଣ ଜାରି ରଖିଛି । ଗତ ମଙ୍ଗଳବାର ଇସ୍ରାଏଲ ସେନା ଗାଜା ଉପରେ ଏୟାରଷ୍ଟ୍ରାଇକ କରିଥିଲା । ଏହି ଆକ୍ରମଣରେ ମୋଟ୍ ୪୦୦ ଲୋକଙ୍କର ମୃତ୍ୟୁ ଘଟିଛି ବୋଲି ଜଣା ପଡିଛି ।ସେହିପରି ଇସ୍ରାଏଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ସେନାକୁ ହମାସ ବିପକ୍ଷରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।ତେଣୁ ଇସ୍ରାଏଲି ସେନା ବାରମ୍ବାର ଆକ୍ରମଣ କରି ହମାସ ଉପରେ ନିଜ ଚାପ ବନାଇ ରଖିବାକୁ ଚେଷ୍ଟା ଚଳାଇଛି ବୋଲି ସୂଚନା ମିଳିଛି ।

# ଚାକିରୀ ପାଇଁ ଜମି ସ୍କାମ ମାମଲା; ଲାଲୁଙ୍କୁ ଇଡି କରୁଛି ଜେରା

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):** ଚାଲିଛି ଜେରା,ଫିଟିବ ଚାକିରୀ ପାଇଁ ହୋଇଥିବା ଜମି ସ୍କାମର ନୂଆ ତଥ୍ୟ ।ମଙ୍ଗଳବାର ରାବରୀ,ତେଜସ୍ୱୀ ଓ ମିଶା ଭାରତୀଙ୍କୁ ୭ଘଣ୍ଟା ଜେରା କରିବା ପରେ ଆଜି ପାଳି ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କର ।ବିହାର ଇଡି ମୁଖ୍ୟାଳୟରେ ପହଁଚିସାରିଛନ୍ତି ଲାଲୁ ଓ ଇଡି ଅଧିକାରୀଙ୍କ ଜେରାର ସମ୍ମୁଖୀନ ହେଉଛନ୍ତି। ଇଡି କାର୍ଯ୍ୟାଳୟରେ ପହଁଚିବା ସମୟରେ ଲାଲୁଙ୍କ ସହ ଶତାଧିକ ସଂଖ୍ୟକ ସମର୍ଥକଙ୍କ ଭିଡ ଦେଖିବାକୁ ମିଳିଛି ।୨୦୦୪ରୁ ୨୦୦୯ ଯେଉଁ ସମୟରେ ଲାଲୁ ରେଳମନ୍ତ୍ରୀ ଥିଲେ ସେହି ସମୟର ଏହି ଦୁର୍ନୀତି ।ଆଶାୟୀ ପ୍ରାର୍ଥୀଙ୍କୁ ଜମି ବଦଳରେ ଚାକିରୀ ଦେବା ନେଇ ମହାଦୁର୍ନୀତିର ପର୍ଦ୍ଦାଫାଶ ହେବା ପରେ ଅଡୁଆରେ ଯାଦବ ପରିବାର। ୨୦୨୪ ମସିହାରେ ଇଡି ଚାର୍ଜସିଟ ଦାଖଲ କରିବା ପରେ ଲାଲୁ, ରାବରୀ, ତେଜସ୍ୱୀ, ମିଶା ଭାରତୀଙ୍କୁ ଲଗାତାର ଜେରା କରାଯାଉଛି ।

# ରେକର୍ଡ କଲା ସୁନା ଦର

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):**ସୁନା ଦର ଦିନକୁ ଦିନ ବଢ଼ିବା ସହ ଗୋଟିଏ ପରେ ଗୋଟିଏ ନୂଆ ରେକର୍ଡ କରିଚାଲିଛି । ଏହା ମଧ୍ୟରେ ସୁନା ଦର ଇତିହାସ ରଚିଛି ।ମାର୍ଚ୍ଚ ୧୯ରେ ଲଗାତର ଦ୍ୱିତୀୟ ଦିନରେ ସୁନା ଦର ନୂଆ ରେକର୍ଡ କରିଛି । ମିଡିଲ ଇଷ୍ଟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପରିସ୍ଥିତି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ



ନୀତିର ଆର୍ଥିକ ପ୍ରଭାବ ସୁନାର 'ସୁରକ୍ଷିତ ନିବେଶ' ଛବିକୁ ଆହୁରି ମଜବୁତ କରିଛି ।MCX ଗୋଲ୍ଡ (୫ ଏପ୍ରିଲ କଣ୍ଟ୍ରାକ୍ଟ)ର ଦର ୦.୨୦ ପ୍ରତିଶତ ବଢ଼ି ୧୦ ଗ୍ରାମ ପିଛା ଦର ୮୮,୮୯୦ ଟଙ୍କାରେ ପହଞ୍ଚି ଯାଇଛି । ଇସ୍ରାଏଲ ଓ ଫିଲିସ୍ତିନୀ ମିଲିଟାଣ୍ଟ ଗ୍ରୁପ ହମାସ ମଧ୍ୟରେ ବଢୁଥିବା ସଂଘର୍ଷ ଭୂ-ରାଜନେତିକ ମୋର୍ଚ୍ଚା ଉପରେ ନୂଆ ଅନିଶ୍ଚିତତା ସୃଷ୍ଟି କରିଛି ।ଫଳରେ ସୁନା ଦରକୁ ସପୋର୍ଟ ମିଳୁଛି । ଏକ ରିପୋର୍ଟ ମୁତାବକ ଇସ୍ରାଏଲ ବିମାନ ଆକ୍ରମଣରେ ୪୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି ।ଦୁଇ ମାସ ମଧ୍ୟରେ ଯୁଦ୍ଧବିରାମର ସମ୍ଭାବନା ସମାପ୍ତ ହୋଇଯାଇଛି ।କାରଣ ହମାସ କବଜାରେ ଥିବା ବନ୍ଧକଙ୍କୁ ମୁକ୍ତ କରିବାକୁ ଓ ଅଧିକ ବଳ ପ୍ରୟୋଗ କରିବାକୁ ଇସ୍ରାଏଲ ଘୋଷଣା କରିଥିବା ଫିଲିସ୍ତିନୀ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି ।ଏବେ ସଭିଙ୍କ ନଜର ୟୁଏସ ଫେଡେରାଲ ରିଜର୍ଭର ମୁଦ୍ରା ନୀତି ଓ ଫେଡ ଚେୟାରମ୍ୟାନଙ୍କ ଆର୍ଥିକ ବିକାଶ ଓ ମୁଦ୍ରାସ୍ଫୀତି ପ୍ରାଜେକ୍ସନ ଉପରେ ରହିଛି। ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଟାରିଫ ନୀତି କାରଣରୁ ଅନିଶ୍ଚିତତା ବୃଦ୍ଧି ପାଇଥିବା ବେଳେ ଏପରି ସ୍ଥିତିରେ ଫେଡ ସୁଧ ହାର ହ୍ରାସ କରିବ ବୋଲି ଏକ୍ସପର୍ଟ ଆଶା କରିଛନ୍ତି ।

# ସନ୍ତାନ ଜନ୍ମ କରିବା ପାଇଁ ବିଦେଶୀ ଯୁବତୀଙ୍କୁ କିଣୁଛି ଚୀନ୍

**ବେଜିଂ,୨୨।୩(ଏଜେନ୍ସି):**ଚୀନରେ ବିବାହ ସଙ୍କଟ ଏବେ ସରକାରଙ୍କ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟିଛି । ପରିସଂଖ୍ୟାନ ଅନୁସାରେ ୨୦୨୪ ମସିହାରେ ଚୀନରେ କେବଳ ୬୧ ଲକ୍ଷ ବିବାହ ପଞ୍ଜିକୃତ ହୋଇଥିଲା, ଯେତେବେଳେ କି ୨୦୨୩ ମସିହାରେ ଏହି ସଂଖ୍ୟା ୭୭ ଲକ୍ଷ ଥିଲା । ଏହି ହ୍ରାସ ଏତେ ଗୁରୁତର ହୋଇଛି ଯେ, ଚୀନ୍ର ଜାତୀୟ ରାଜନୈତିକ ପରାମର୍ଶଦାତା ଚେନ୍ ସୋଙ୍ଗସି ବିବାହ ପାଇଁ ଆଇନଗତ ବୟସ ୨୨ରୁ ୧୮ ବର୍ଷକୁ ହ୍ରାସ କରିବାକୁ ପ୍ରସ୍ତାବ ଦେଇଛନ୍ତି । କିନ୍ତୁ ଗୋଟିଏ ପଟେ, ଯେତେବେଳେ ଚୀନର ଯୁବପିଢ଼ି ବିବାହ କରିବାକୁ ପଛଘୁଞ୍ଚା ଦେଉଛନ୍ତି, ଅନ୍ୟପଟେ ବିବାହ ପାଇଁ ବିଦେଶୀ କନ୍ୟା ଚାଲାଣ ମଧ୍ୟ ବୃଦ୍ଧି ପାଉଛି । ବିବାହ ପ୍ରତି ଚୀନ୍ ଯୁବକ ଯୁବତୀଙ୍କ ଆଗ୍ରହ ହ୍ରାସ ପାଉଛି । ଏହାର ଅନେକ କାରଣ ଅଛି ଯେପରିକି ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି, ଉଚ୍ଚଶିକ୍ଷା, କ୍ୟାରିୟର ଉପରେ ଧ୍ୟାନ ଏବଂ ସମାଜରେ ପରିବର୍ତ୍ତନଶୀଳ ଚିନ୍ତାଧାରା । ବିଶେଷକରି ସହରୀ ମହିଳାମାନେ ଏବେ ପାରମ୍ପରିକ ବିଶ୍ୱାସକୁ ଭାଙ୍ଗି ବିବାହ ଏବଂ ମାତୃତ୍ୱକୁ ଆବଶ୍ୟକ ବୋଲି ଭାବୁ ନାହାନ୍ତି । ଚୀନରେ, ଗୋଟିଏ ସନ୍ତାନ ନୀତି ଏବଂ ପୁଅକୁ ପସନ୍ଦ କରିବା ଲିଙ୍ଗ ଅନୁପାତକୁ ଗୁରୁତର ଭାବରେ ବିକୃତ କରିଛି । ୨୦୦୦ ଦଶକରେ ଚୀନ୍ରେ ପ୍ରତି ୧୦୦ ଝିଅଙ୍କ ପାଇଁ ୧୨୧ ପୁଅ ଜନ୍ମ ହେଉଥିଲେ । କିଛି ପ୍ରଦେଶରେ, ଏହି ଅନୁପାତ ପ୍ରତି ୧୦୦ ଝିଅଙ୍କ ତୁଳନାରେ ୧୩୦ ପୁଅ ଥିଲା । ଏହାର ପ୍ରଭାବ ଏବେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ୧୯୮୦ ଦଶକରେ ଜନ୍ମିତ ଚୀନ୍ ପୁରୁଷମାନେ ଜୀବନସାଥୀ ପାଇ ପାରୁ ନାହାନ୍ତି । ଆକଳନ କରାଯାଇଛି ଯେ, ୩ କୋଟିରୁ ୫ କୋଟି ପୁରୁଷ ବିବାହ ପାଇଁ କନ୍ୟା ପାଉ ନାହାନ୍ତି । ଏହି କାରଣରୁ, ଏହାକୁ ଚୀନ୍ରେ 'ବଞ୍ଚିତ ପୁରୁଷଙ୍କ ଯୁଗ' ବୋଲି କୁହାଯାଉଛିୟବିବାହ ସମସ୍ୟାର ସମ୍ମୁଖୀନ ହେଉଥିବା ଅନେକ ଚୀନ୍ ପୁରୁଷ ଏବେ ବିଦେଶୀ କନ୍ୟା କିଣିବାକୁ ଚେଷ୍ଟା କରୁଛନ୍ତି । ଏହି ଧାରା ମହିଳା ଚାଲାଣକୁ ପ୍ରୋତ୍ସାହିତ କରୁଛି । ବିଶେଷକରି ମିଆଁମାର, ଭିଏତନାମ ଏବଂ ଦକ୍ଷିଣ-ପୂର୍ବ ଏସିଆର ଅନ୍ୟାନ୍ୟ ଦେଶର ଝିଅମାନେ ଏହି ଚାଲାଣର ଶିକାର ହେଉଛନ୍ତି । ଚୋରା ଚାଲାଣକାରୀମାନେ ଏହି ମହିଳାମାନଙ୍କୁ ଭଲ ଚାକିରିର ପ୍ରତିଶ୍ରୁତି ଦେଇ ଚୀନ୍ ଆଣୁଛନ୍ତି ଏବଂ ତା'ପରେ ସେମାନଙ୍କୁ ଚୀନ୍ ପୁରୁଷମାନଙ୍କୁ ୩,୦୦୦ ଡଲାର ରୁ ୧୩,୦୦୦ ଡଲାର (୨.୬ ଲକ୍ଷ ରୁ ୧୧.୩ ଲକ୍ଷ ଟଙ୍କା) ରେ ବିକ୍ରି କରୁଛନ୍ତି । ୨୦୧୯ ମସିହାର ଏକ ମାନବାଧିକାର ୱାଚ୍ ରିପୋର୍ଟରେ କୁହାଯାଇଥିଲା ଯେ, ଚୀନ୍-ମିଆଁମାର ସୀମାରେ ସୁରକ୍ଷାର ଅଭାବ ଏବଂ ଢିଲା ଆଇନ ପ୍ରବର୍ତ୍ତନ ଚୋରା ଚାଲାଣକାରୀଙ୍କ ପାଇଁ ଏକ ବରଦାନ ପାଲଟିଛି । ଚୀନ୍ ସରକାର ଏବେ ଏହି ବେଆଇନ ବିବାହ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ କରିବାକୁ ଚେଷ୍ଟା କରୁଛନ୍ତି । ମାର୍ଚ୍ଚ ୨୦୨୪ରେ, ଚୀନ୍ର ସାର୍ବଜନୀନ ସୁରକ୍ଷା ମନ୍ତ୍ରଣାଳୟ ମହିଳା ଏବଂ ଶିଶୁଙ୍କ ସୀମାପାର ଚାଲାଣ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା । ତଥାପି, ଏହା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପାଇବା କଷ୍ଟକର ହୋଇ ପଡ଼ିଛି । ବେଆଇନ ବିବାହ ଏଜେନ୍ସି ଏବଂ ମଧ୍ୟସ୍ଥିମାନେ ଏବେ ବି ସକ୍ରିୟ ଅଛନ୍ତି। ନଭେମ୍ବର ୨୦୨୪ରେ, ଦୁଇଜଣ ପୁରୁଷଙ୍କୁ ଗିରଫ କରାଯାଇଥିଲା ଯେଉଁମାନେ ଚୀନ୍ ପୁରୁଷମାନଙ୍କୁ ଶସ୍ତା ବିଦେଶୀ ସ୍ତ୍ରୀର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଥିଲେ। ଚୀନରେ 'ବଞ୍ଚିତ ପୁରୁଷ'ଙ୍କ ସଂଖ୍ୟା ବୃଦ୍ଧି ପାଇବା ଏକ ଗମ୍ଭୀର ସାମାଜିକ ସମସ୍ୟା ହେବାରେ ଲାଗିଛି । ଗବେଷଣାରୁ ଜଣାପଡିଛି ଯେ, ଯେଉଁଠାରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା କମ୍, ସେଠାରେ ଅପରାଧ ଏବଂ ହିଂସା ବୃଦ୍ଧି ପାଇବାର ସମ୍ଭାବନା ଅଧିକ ରହିଛି । ୧୯୯୦ ଦଶକ ପରଠାରୁ ଚୀନ୍ରେ ଅପରାଧ ହାର ୧୪% ବୃଦ୍ଧି ପାଇଛି ।

# ଋଷ ଉପରେ ସଙ୍ଗୀନ ଅଭିଯୋଗ ଆଣିଲେ ଜେଲେନସ୍କି

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):** ଋଷ-ୟୁକ୍ରେନ୍ ଯୁଦ୍ଧରେ ଲାଗିଛି ବିରାମ । ୩୦ ଦିନିଆ ଅସ୍ତ୍ରବିରତି ନେଇ ନିକଟରେ ଦୁଇ ଦେଶ ସହମତି ପ୍ରକାଶ କରିଥିଲେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଫେରିଛି ଶାନ୍ତି । ହେଲେ ଏବେ ଋଷ ବିରୋଧରେ ଜେଲେନସ୍କି ଆଣିଛନ୍ତି ସଙ୍ଗୀନ ଅଭିଯୋଗ । ତାହା ହେଲା ୟୁକ୍ରେନ୍ ଉପରେ ପୁଣି ଆକ୍ରମଣ କରିଛନ୍ତି ଋଷ ସେନା । ଅସ୍ତ୍ରବିରତି ସହମତି ପରେ ମଧ୍ୟ ଋଷ କରୁଛି ଆକ୍ରମଣ । ଏଭଳି ଅଭିଯୋଗ କରିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି । ସେ କହିଛନ୍ତି ପୁଟିନ୍ ଓ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନାର କିଛି ସମୟ ପରେ ୟୁକ୍ରେନ୍ ଉପରେ ଆକ୍ରମଣ ହୋଇଛି । ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ କରାଯାଇଛି ଟାର୍ଗେଟ । ସୁମିରେ ଥିବା ଏକ ହସ୍ପିଟାଲ ଉପରେ ମଧ୍ୟ ହୋଇଛି ହମଲା । ଅଧା ରାତିରେ ଏଭଳି ଆକ୍ରମଣ ଦ୍ୱାରା ଆମର ଏନର୍ଜି ଇନଫ୍ରାଷ୍ଟ୍ରକଚର ଓ ବଡ ବଡ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି । ଋଷର ଏହି ଆକ୍ରମଣର ଅର୍ଥ ସେ ଯୁଦ୍ଧ ଶେଷ କରିବାକୁ ପ୍ରସ୍ତୁତ ନୁହେଁ । ସେପଟେ ୟୁକ୍ରେନ୍ ବାୟୁସେନା କହିଛି ଋଷ ପକ୍ଷରୁ ୧୪୫ ଟି ଡ୍ରୋନ୍ ମାଡ଼ ହୋଇଛି । ତା ମଧ୍ୟରୁ ୭୨ଟି ଆମେ ନଷ୍ଟ କରିଛୁ । ୟୁକ୍ରେନ୍ର ଏହି ଅଭିଯୋଗ ପରେ କ୍ରେମଲିନ୍ ପକ୍ଷରୁ କୁହାଯାଇଛି ପୁଟିନ୍ ୟୁକ୍ରେନର ପାୱାର ଗ୍ରୀଡ୍ ଉପରେ ୩୦ ଦିନ ପାଇଁ ଆକ୍ରମଣ ରୋକିବାର ନିର୍ଦ୍ଦେଶ ଦେଇଛନ୍ତି । ଋଷ- ୟୁକ୍ରେନ୍ ବୁଧବାର ସଦ୍ଭାବନାର ସଙ୍କେତ ଦେବା ପାଇଁ ୧୭୫ କଏଦୀଙ୍କୁ ଅଦଳ ବଦଳ କରାଯାଇଛି । ଏହାପରେ ମିଡିଲ ଇଷ୍ଟରେ ଆଗାମୀ ସ୍ଥିତି ନେଇ ଖୁବ୍ ଶୀଘ୍ର ଆଲୋଚନା ହେବ ।

# ସମସ୍ୟାର ସମାଧାନ ନହେଲେ ମାର୍ଚ୍ଚ ୨୨ରେ ଜୀବନ ହାରିଦେବି

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):** ଉତ୍ତରପ୍ରଦେଶର ମିର୍ଜାପୁରରେ ଏସଏସବିର ଜଣେ ଯବାନଙ୍କ ଭିଡିଓ ଭାଇରାଲ ହେବାରେ ଲାଗିଛି । ଉକ୍ତ ଯବାନ ଜଣକ ଗତ ୪ବର୍ଷ ହେବ ନ୍ୟାୟ ପାଇଁ ଦୌଡ଼ି ଦୌଡ଼ି ଧୈର୍ଯ୍ୟହରା ହୋଇଗଲେଣି ବୋଲି ଅଭିଯୋଗ କରି କହିଛନ୍ତି । ନ୍ୟାୟ ନମିଳିଲେ ସେ ଜୀବନ ହାରି ଦେବେ ବୋଲି ଏକ ଭିଡ଼ିଓ ଜରିଆରେ ବି ଜଣାଇଛନ୍ତି । ଉକ୍ତ ଯବାନଙ୍କ ନାମ ରୟୁଫ ଅନସାରି ବୋଲି ଜଣାପଡ଼ିଛି । ଯବାନ ରୟୁଫ ଅନସାରି ନିକଟରେ ମିର୍ଜାପୁରର ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ପହଞ୍ଚିବା ପରେ ରୟୁଫ ଏସପିଙ୍କ ନିକଟରେ ନ୍ୟାୟ ପାଇଁ ଗୁହାରି କରି କହିଥିଲେ, 'ଚଳିତଥର ଯଦି ମୋ ସମସ୍ୟାର ସମାଧାନ ନହେଲା ତେବେ ଆଗାମୀ ମାର୍ଚ୍ଚ ୨୨ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜୀବନ ହାରିଦେବି । ଯବାନ ନ୍ୟାୟ ପାଇଁ ଗୁହାରି କରି କାନ୍ଦୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ରୟୁଫ ଏହି ଭିଡିଓରେ କହିଛନ୍ତି, ' ଦେଶର ସୁରକ୍ଷା ପାଇଁ ମୁଁ ଆସାମରେ ନିୟୋଜିତ ଅଛି । ମୋର ପରିବାର ମିର୍ଜାପୁରରେ ଏକା ବସବାସ କରୁଛନ୍ତି । ମୁଁ ଘରେ ନଥିବାରୁ ମୋ ପରିବାରକୁ ହଇରାଣ କରାଯାଉଛି । ଏନେଇ ମୁଁ ଅନେକ ଅଧିକାରୀଙ୍କ ନିକଟରେ ଗୁହାରି ଜଣାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କିଛି ସମାଧାନ ହୋଇପାରିଲା ନାହିଁ ।

# ପାକିସ୍ତାନୀ ସେନା ମୁଖ୍ୟଙ୍କ ଯୁଦ୍ଧ ଡାକରା

**ଇସଲାମାବାଦ,୨୨।୩(ଏଜେନ୍ସି):** ବେଲୁଚିସ୍ତାନରେ ଟ୍ରେନ୍ ଅପହରଣ ସମୟରେ ବାଲୁଚ୍ ଲିବରେସନ୍ ଆର୍ମି(ବିଏଲଏ ) ଯୋଗୁ ଲଜ୍ଜା ଜନକ ସ୍ଥିତି ପରେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର ଅସନ୍ତୁଷ୍ଟ ହୋଇଛନ୍ତି । ଜେନେରାଲ ମୁନିର ପାକିସ୍ତାନକୁ ଏକ 'କଠୋର ଦେଶ' କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।ସେ କହିଛନ୍ତି ଯେ, ଦେଶର ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ ଆତଙ୍କବାଦ ବିରୋଧରେ ଯୁଦ୍ଧ ହେବା ଜରୁରୀ । ଜାତୀୟ ସୁରକ୍ଷା ସଂସଦୀୟ କମିଟିର ଏକ ଉଚ୍ଚସ୍ତରୀୟ ବୈଠକ ସମୟରେ ପାକିସ୍ତାନୀ ସେନା ମୁଖ୍ୟ ପାକିସ୍ତାନର ଶାହବାଜ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଅନୁରୋଧ କରିଥିଲେ ।ସେ କହିଥିଲେ ଯେ, ଏକ କଠୋର ଦେଶ ନ ହେବା ଯୋଗୁ ଲୋକମାନେ ଜୀବନ ହରାଉଛନ୍ତି । ମୁନିର ପ୍ରଶ୍ନ କରିଥିଲେ ଯେ, ଶାସନର ଏହି ଖାଲି ସ୍ଥାନ କେତେଦିନ ପର୍ଯ୍ୟନ୍ତ ପାକିସ୍ତାନ ସେନା ଏବଂ ଏହାର ସୈନିକଙ୍କ ରକ୍ତରେ ପୂରଣ ହେବ । ବାଲୁଚ୍ମାନଙ୍କ ଦ୍ୱାରା ହୋଇଥିବା ଭୟଙ୍କର ଟ୍ରେନ ଆକ୍ରମଣ ପରେ ପାକିସ୍ତାନୀ ସେନା ମୁଖ୍ୟ ସଂସଦୀୟ କମିଟି ସମ୍ମୁଖରେ ଶାହବାଜ ସରକାର ଏବଂ ପ୍ରାଦେଶିକ ସରକାରଙ୍କୁ ଭର୍ତ୍ସନା କରିଥିଲେ । ବାଲୁଚ୍ ଲୋକମାନେ ଦାବି କରିଛନ୍ତି ଯେ, ଏହି ଆକ୍ରମଣରେ ୧୦୦ ରୁ ଅଧିକ ପାକିସ୍ତାନୀ ସୈନିକ ନିହତ ହୋଇଛନ୍ତି । ଏହି ଆକ୍ରମଣ ବାଲୁଚ୍ ଲିବରେସନ୍ ଆର୍ମିର ମାଜିଦ୍ ବ୍ରିଗେଡ୍ ଦ୍ୱାରା କରାଯାଇଥିଲା । ଏହି ବୈଠକ ନ୍ୟାସନାଲ ଆସେମ୍ବଲି



ବାଚସ୍ପତି ଆୟାଜ ସାଦିକ ଡକାଇଥିଲେ । ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କଠାରୁ ଆରମ୍ଭ କରି ଅଧିକାଂଶ ଦଳର ଶୀର୍ଷ ନେତା ଏଥିରେ ଉପସ୍ଥିତ ଥିଲେ । ଇମ୍ରାନ ଖାନଙ୍କ ଦଳ ପିଟିଆଇ ଏହାକୁ ବର୍ଜନ କରିଥିଲା । ଜେନେରାଲ ମୁନିର କହିଥିଲେ ଯେ, ଆତଙ୍କବାଦ ବିରୋଧରେ ଲଢ଼େଇ ଆମର ଏବଂ ଆମର ଭବିଷ୍ୟତ ପିଢ଼ିର ଅସ୍ତିତ୍ୱକୁ ରକ୍ଷା କରିବା ପାଇଁୟଅସୀମ ମୁନିର ଗୁରୁତ୍ୱାରୋପ କରି କହିଛନ୍ତି, ଯେଉଁମାନେ ଭାବୁଛନ୍ତି ଯେ, ସେମାନେ ଆତଙ୍କବାଦ ମାଧ୍ୟମରେ ପାକିସ୍ତାନକୁ ଦୁର୍ବଳ କରିପାରିବେ, ସେମାନେ ଜାଣିବା ଉଚିତ ଆମେ ଏକତାବଦ୍ଧ ଏବଂ କେବଳ ସେମାନଙ୍କୁ ନୁହେଁ ବରଂ ଯେଉଁମାନେ ସେମାନଙ୍କୁ ସାହାଯ୍ୟ କରୁଛନ୍ତି ସେମାନଙ୍କୁ ମଧ୍ୟ ପରାସ୍ତ କରିବୁ । ପୂର୍ବରୁ, ପାକିସ୍ତାନ ସରକାର ଏହି ଆକ୍ରମଣରେ ଭାରତ ଏବଂ ଆଫଗାନିସ୍ତାନ ବାଲୁଚ୍ ଲିବରେସନ ଆର୍ମିକୁ ସାହାଯ୍ୟ କରୁଥିବା ଅଭିଯୋଗ କରିଥିଲେ ।ଦେଶର ସାମ୍ପ୍ରତିକ ସୁରକ୍ଷା ପରିସ୍ଥିତି ଉପରେ ଆଲୋଚନା କରିବା ପାଇଁ ମଙ୍ଗଳବାର ଡକାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୈଠକକୁ ଇମ୍ରାନଙ୍କ ଦଳ ବୟକଟ କରିଥିଲା ।ମାର୍ଚ୍ଚ ୧୧ ତାରିଖରେ ନିଷିଦ୍ଧ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ର ବିଦ୍ରୋହୀମାନଙ୍କ ଦ୍ୱାରା ଏକ ଟ୍ରେନ୍ ଅପହରଣ ପରେ ଜାତୀୟ ସଂସଦର ବାଚସ୍ପତି ଆୟାଜ ସାଦିକ ଜାତୀୟ ସୁରକ୍ଷା ସମ୍ପର୍କିତ ସଂସଦୀୟ କମିଟିର ଏକ ରୁଦ୍ଧଦ୍ୱାର ବୈଠକର ଅଧ୍ୟକ୍ଷତା କରିଥିଲେ । ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦଳ ପିଟିଆଇ ଏହି ବୈଠକକୁ ବର୍ଜନ କରିଥିଲା । ଇମ୍ରାନ ବର୍ତ୍ତମାନ ଜେଲରେ ଅଛନ୍ତି । ବାଲୁଚିସ୍ତାନର ବୋଲାନ ଅଞ୍ଚଳରେ ବିଏଲଏ ଟ୍ରେନ୍କୁ ଅପହରଣ କରିଥିଲା । ଯେଉଁଥିରେ ପ୍ରାୟ ୪୨୫ଜଣ ଯାତ୍ରୀ ଥିଲେ ।ପ୍ରଧାନମନ୍ତ୍ରୀ ଶାହାବାଜ ସରିଫଙ୍କ ପରାମର୍ଶ କ୍ରମେ ଡକାଯାଇଥିବା ଏହି ବୈଠକରେ ପ୍ରମୁଖ ମନ୍ତ୍ରୀ, ବିଭିନ୍ନ ରାଜନୈତିକ ଦଳର ନେତା, ପ୍ରାଦେଶିକ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର ଯୋଗ ଦେଇଥିଲେ ।

# ହ୍ୱାଟ୍ସଆପ ସହ ମିଶି ଡିଜିଟାଲ ଚୋର ଧରିବେ ସରକାର

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):** ଟେଲିକମ ବିଭାଗ ଏବଂ ହ୍ୱାଟ୍ସଆପ ଅନଲାଇନ ଠକେଇ ଏବଂ ସ୍କାମ୍ ବିରୋଧରେ ସୁରକ୍ଷା ଅଭିଯାନ ଚଳାଇବା ଲାଗି ହାତ ମିଶାଇଛି । ଏହି ପାର୍ଟନରସିପ ଅନୁଯାୟୀ, ଟେଲିକମ ବିଭାଗ ଏବଂ ହ୍ୱାଟ୍ସଆପ ସନ୍ଦିଗ୍ଧଙ୍କୁ ଚିହ୍ନିବା ଲାଗି ନାଗରିକଙ୍କୁ ଶିକ୍ଷିତ କରିବା ପାଇଁ ମିଶିକି କାମ କରିବେ । ଅଫିସିଆଲ ବିବୃତ୍ତି ମୁତାବକ, ଟେଲିକମ ବିଭାଗ ଅନଲାଇନ ଠକେଇ ଏବଂ ସ୍କାମ ବିରୋଧରେ ମେଟାର ସୁରକ୍ଷା ଅଭିଯାନ 'ଘୋଟାଲେ ସେ ବଚାଓ'ର ବିସ୍ତାର କରିବା ଲାଗି ହ୍ୱାଟ୍ସଆପ ସହ ସହ ସାମିଲ ହୋଇଛି । ହ୍ୱାଟ୍ସଆପର ପ୍ୟାରେଣ୍ଟ କମ୍ପାନୀ ମେଟାର ବିଶ୍ୱ ମାମଲାର ମୁଖ୍ୟ ଅଧିକାରୀ ଜୋଏଲ କାପ୍ଲାନ ଏବଂ ଟେଲିକମ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିଂଘିଆଟେଲିକମ ବିଭାଗ ଏବଂ ମେଟା ମଧ୍ୟରେ ଚାଲୁଥିବା ସହଯୋଗର ପ୍ରଭାବ ଉପରେ ଚର୍ଚ୍ଚା କରିଛନ୍ତି । ବିବୃତ୍ତି ମୁତାବକ, ହ୍ୱାଟ୍ସଆପ ଟେଲିକମ ସଂଶୋଧନର ଅପବ୍ୟବହାର ଉପରେ ସକ୍ରିୟ କାର୍ଯ୍ୟାନୁଷ୍ଠାନ ପାଇଁ ଡିଆଇପିରୁ ମିଳିଥିବା ସୂଚନାର ବ୍ୟବହାର କରୁଛି । ଟେଲିକମ ବିଭାଗର ଡିଆଇପି ଟେଲିକମ ସଂଶୋଧନର ଅପବ୍ୟବହାର ବିଷୟରେ ବ୍ୟାଙ୍କଗୁଡ଼ିକୁ, ଆଇନ ପ୍ରବର୍ତ୍ତନ ଏଜେନ୍ସିମାନଙ୍କ ଭଳି ୫୫୦ ହିତଧାରକଙ୍କ ସହ ଦ୍ୱିପାକ୍ଷିକ ଡିଜିଟାଲ ସିକ୍ରେଟ୍ ଡାଟା ବିନିମୟ କରିଥାଏ । ଗତ କିଛି ବର୍ଷ ମଧ୍ୟରେ ଦେଶରେ ସାଇବର ଅପରାଧ ଏବଂ ଅନଲାଇନ୍ ସ୍କାମ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଲକ୍ଷ ଲକ୍ଷ ଲୋକ ସ୍କାମରଙ୍କ ଜାଲରେ ପଡ଼ି କୋଟି କୋଟି ଟଙ୍କା ହରାଉଛନ୍ତି । ବିଶେଷକରି, ଆଜିକାଲି ଡିଜିଟାଲ ଆରେଷ୍ଟ ହେବାର ଅନେକ ମାମଲା ସାମ୍ନାକୁ ଆସୁଛି ।

# ସୁନୀତା ୱିଲିୟମ୍ସ ନ ଫେରିବା ପଛରେ ବାଇଡେନ୍ ଦାୟୀ

**ନୂଆଦିଲ୍ଲୀ,୨୨।୩(ଏଜେନ୍ସି):** ଅପେକ୍ଷାର ଅନ୍ତ ହୋଇଛି । ମହାକାଶରୁ ସୁରକ୍ଷିତ ଫେରିଛନ୍ତି ସୁନୀତା ୱିଲିୟମସ ଓ ସହଯୋଗୀ ମହାକାଶଚାରୀ । ନାସା ଓ ସ୍ପେସ୍ ଏକ୍ସର ମିଶନକୁ ମିଳିଛି ବଡ ସଫଳତା। ତେବେ ଏହା ଭିତରେ ଆମେରିକା ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଉପରେ ବଡ ଅଭିଯୋଗ ଆଣିଛନ୍ତି ସ୍ପେସ୍ ଏକ୍ସର ମାଲିକ ଏଲନ ମସ୍କ । ସୁନୀତାଙ୍କ ବିଳମ୍ବରେ ଫେରିବା ପାଇଁ ସେ ସିଧାସଳଖ ଜୋ ବାଇଡେନଙ୍କୁ ଦାୟୀ କରିଛନ୍ତି । ମହାକାଶଚାରୀ ସୁନୀତା ୱିଲିୟମ୍ସ ସହଯୋଗୀ ବୁଚ ଆଇଏସଏସରୁ ୯ମାସ ପରେ ସଫଳତାର ସହ ପୃଥିବୀକୁ ଫେରିଛନ୍ତି । ଏହି ମିଶନକୁ ନାସାର କ୍ରୁ-୯ ଯାନ ଏବଂ ସ୍ପେସ ଏକ୍ସର ସାହାଯ୍ୟରେ ମହାକାଶଚାରୀଙ୍କ ପାଖକୁ ପଠାଯାଇଥିଲା । ସ୍ପେସ୍ ଏକ୍ସର ସିଇଓ ଏଲନ ମସ୍କ ମହାକାଶଚାରୀଙ୍କ ସଫଳ ପ୍ରତ୍ୟାବର୍ତ୍ତନ ପାଇଁ ନାସା ଓ ସ୍ପେସ୍ ଏକ୍ସ ଟିମକୁ



ଧନ୍ୟବାଦ ଜଣାଇଛନ୍ତି ଏଥିସହ ମସ୍କ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ ଏହି ଘଟଣାରେ ରାଜନିତୀର ରଙ୍ଗ ଲଗାଇଛନ୍ତି ଟ୍ରମ୍ପ ଏବଂ ମସ୍କ । ଗଣମାଧ୍ୟମକୁ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ,ମୁଁ ରାଷ୍ଟ୍ରପତି ହେବା ପରେ ମସ୍କଙ୍କୁ କହିଥିଲି ,ସୁନୀତା ଓ ବଚଙ୍କୁ ଫେରାଇ ଆଣିବାକୁ ପଡିବ,ଯାହାକୁ ପୂର୍ବତନ ରାଷ୍ଟ୍ରପତି ବାଇଡେନ ଛାଡିଦେଇଥିଲେ ।ବଚ ଓ ସୁନୀତା ସୁସ୍ଥ ହେଲେ ଓଭାଲ ଅଫିସ ବା ରାଷ୍ଟ୍ରପତି ଅଫିସକୁ ଆସିବେ। ହ୍ୱାଇଟ ହାଉସ ସୋସିଆଲ ମିଡିଆରେ ଲେଖିଛି,ଯାହା କହିଥିଲୁ କରିଲୁ।

# କୋଲକାତାରେ ଆଇପିଏଲର ୧୮ତମ ସିଜିନ ଉଦଘାଟିତ







**କୋଲକାତା,୨୨।୩:** ଆଇପିଏଲ ୨୦୨୫ର ଉଦଘାଟନୀ ଉତ୍ସବ ଶେଷ ହୋଇଛି। ଆଇପିଏଲର ୧୮ତମ ସିଜିନ ଅବସରରେ, ଏକ କେକ କଟାଯାଇଥିଲା ଏବଂ ଆତସବାଜି ସହିତ ଆଇପିଏଲ ୨୦୨୫ର ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଉଦଘାଟନୀ ସମାରୋହ ସମୟରେ ଟସ ବିଳମ୍ବ ହୋଇଥିଲା ଏବଂ ଆରସିବି ଏବଂ କେକେଆର ମଧ୍ୟରେ ମ୍ୟାଚ ପାଇଁ ଟସ ଖୁବ ଶୀଘ୍ର ହେବ। ଆଇପିଏଲ ଉଦଘାଟନୀ ଉତ୍ସବ ଶାହରୁଖ ଖାନଙ୍କ ଭାଷଣ ସହିତ ଆରମ୍ଭ ହୋଇଥିଲା ଏବଂ ପରେ ବଲିଉଡ ଗାୟିକା ଶ୍ରେୟା ଘୋଷାଲ ସଙ୍ଗୀତ ପରିବେଷଣ ହୋଇଥିଲା।

ଶ୍ରେୟା ତାଙ୍କ ସୁମଧୁର ସ୍ୱରରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହା ପରେ ବଲିଉଡ ଅଭିନେତ୍ରୀ ଦିଶା ପାଟନି ନିଜ ନୃତ୍ୟରେ ସମସ୍ତଙ୍କୁ ଖୁବ ମନୋରଞ୍ଜନ ଦେଇଥିଲେ। ତା'ପରେ ପଞ୍ଜାବୀ ଗାୟକ କରଣ ଔଜଲ କାର୍ଯ୍ୟକ୍ରମରେ ରଙ୍ଗ ଭରି ଦେଇଥିଲେ। ଶେଷରେ ଶାହରୁଖ ରିଙ୍କୁ ସିଂହ ଏବଂ ବିରାଟ କୋହଲିଙ୍କ ସହ ନାଚିଲେ। ଡିଫେଣ୍ଡିଂ ଚାମ୍ପିଅନ କକଜ ଅଧିନାୟକ ଅଜିଙ୍କ୍ୟ ରାହାଣେ ଏବଂ ଆଇପିଏଲ ଅଧିନାୟକ ରଜତ ପାଟିଦାର ଚମକଦାର ଆଇପିଏଲ ଟ୍ରଫି ସହିତ ମଞ୍ଚକୁ ଆସିଥିଲେ। ଶାହରୁଖଙ୍କ ସହ ମଞ୍ଚ ଉପରେ ବିସିସିଆଇର ପ୍ରମୁଖ ଅଧିକାରୀ, ଦିଶା ପାଟନୀ, ଶ୍ରେୟା ଘୋଷାଲ, କରଣ ଔଜଲା, ରାହାଣେ ଏବଂ ପାଟିଦାର ଉପସ୍ଥିତ ଥିଲେ। ଷ୍ଟାରମାନେ ସେମାନଙ୍କର ପ୍ରଦର୍ଶନ ସାରିବା ପରେ, ଶାହରୁଖ ଖାନ ପୁଣିଥରେ ମଞ୍ଚକୁ ଆଙ୍କର ଭାବରେ ଆସିଥିଲେ। ସେ ପୁଣି ଥରେ ବିରାଟ କୋହଲିଙ୍କୁ ମଞ୍ଚକୁ ଡାକିଥିଲେ। ବିରାଟ କୋହଲିଙ୍କ ବିଷୟରେ ଶାହରୁଖ କହିଛନ୍ତି ଯେ ସେ ଏକମାତ୍ର ଖେଳାଳି ଯିଏ ଆଇପିଏଲର ଆରମ୍ଭରୁ ଏପର୍ଯ୍ୟନ୍ତ ସମସ୍ତ ସିଜିନ ଖେଳିଛନ୍ତି ଏବଂ କେବଳ ଗୋଟିଏ ଦଳ ପାଇଁ ଖେଳିଛନ୍ତି। ଏହା ପରେ, ଶାହରୁଖ ଖାନ ବିରାଟଙ୍କ ସହିତ ମ ଉପରେ ତାଙ୍କର ହିଟ ଗୀତ ଝୁମେ ଜୋ ପଠାନରେ ନାଚିଥିଲେ। ଉଭୟଙ୍କ ଏହି ନୃତ୍ୟ ଭିଡିଓ ଏହି ସମୟରେ ସୋସିଆଲ ମିଡିଆରେ ବହୁତ ଭାଇରାଲ ହେଉଛି। କେବଳ ଏତିକି ନୁହେଁ, ଏହା ପରେ ଶାହରୁଖଙ୍କୁ ରିଙ୍କୁ ସିଂହଙ୍କ ସହ ନାଚୁଥିବାର ମଧ୍ୟ ଦେଖାଯାଇଥିଲା।

# ଅଶ୍ୱିନଙ୍କ ନାଁରେ ହେବ ରାସ୍ତା



**ଚେନ୍ନାଇ,୨୨।୩:** ଭାରତର କିମ୍ବଦନ୍ତୀ ସ୍ପିନ ବୋଲର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଗ୍ରେଟର ଚେନ୍ନାଇ କର୍ପୋରେଶନ (ଜିସିସି) ଦ୍ୱାରା ସମ୍ମାନିତ କରାଯିବ। ଜିସିସି ସର୍ବସମ୍ମତି କ୍ରମେ ଓ୍ୱେଷ୍ଟ ମାମ୍ବାଲାମସ୍ଥିତ ରାମାକ୍ରୀଷ୍ଣପୁରମ୍ ପ୍ରଥମ ଷ୍ଟ୍ରିଟର ନାମକୁ ଅଶ୍ୱିନଙ୍କ ନାମରେ ପରିବର୍ତ୍ତନ କରିବାକୁ ନିଷ୍ପି ନେଇଛି, ଯେଉଁଠାରେ ଅଶ୍ୱିନ ରୁହନ୍ତି। ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶିତ ରିପୋର୍ଟ ମୁତାବକ, କ୍ୟାରମ ବଲ ଇଭେ ଓ ମାର୍କେଟିଂ ପ୍ରାଇଭେଟ ଲିମିଟେଡ୍ର ସିଇଓ ଏସ୍ କାର୍ତ୍ତିକଙ୍କ ଅନୁରୋଧ କ୍ରମେ ରାସ୍ତାର ନାମ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଅଶ୍ୱିନ ଭାରତ ଓ ତାମିଲନାଡୁ ପାଇଁ ଅନେକ ମ୍ୟାଚ ଖେଳିବା ସହ ଅନେକ ସମ୍ମାନ ପାଇଛନ୍ତି। ତାଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବିବେଚନା କରାଯାଏ ବୋଲି ଜିସିସିର ପ୍ରସ୍ତାବରେ କୁହାଯାଇଛି। ଏହି ପ୍ରସ୍ତାବକୁ ସରକାରଙ୍କ ଅନୁମତି ମଧ୍ୟ ମିଳିସାରିଛି। ଗତ ବର୍ଷ ଡିସେମ୍ବରରେ ଅନ୍ତର୍ଜାତୀୟ ସ୍ତରରୁ ଅବସର ନେଇଥିବା ଅଶ୍ୱିନ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍କେ) ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେ ଭାରତ ପାଇଁ ୧୦୬ ଟେଷ୍ଟ (୫୩୭ ଉଇକେଟ), ୧୧୬ ଦିନିକିଆ (୧୫୬ ଉଇକେଟ) ଓ ୬୫ ଟି୨୦ (୭୨ ଉଇକେଟ) ଖେଳିଛନ୍ତି।

# ବାବରଙ୍କ ରେକର୍ଡ ଭାଙ୍ଗି ଇତିହାସ ରଚିଲେ ହାସନ ନଓ୍ୱାଜ





**ଇସଲାମାବାଦ,୨୨।୩ :** ପାକିସ୍ତାନର ଭେଟରାନ ବ୍ୟାଟର ବାବର ଆଜମଙ୍କ ଦୀର୍ଘକାଳୀନ ରେକର୍ଡକୁ ଭାଙ୍ଗିଛନ୍ତି ଜଣେ ଯୁବ ବ୍ୟାଟର। ପାକିସ୍ତାନର ଯୁବ ବ୍ୟାଟର ହାସନ ନଓ୍ୱାଜ ୨୦୨୧ରୁ ବାବରଙ୍କ ନାଁରେ ଥିବା ରେକର୍ଡକୁ ଭାଙ୍ଗି ଇତିହାସ ରଚିଛନ୍ତି। ହାସନଙ୍କ ବିସ୍ଫୋରକ ଶତକ ଓ ଦ୍ରୁତ ବୋଲରଙ୍କ ମାପଚୁପ ବୋଲିଂ ଯୋଗୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟି-୨୦ ସିରିଜକୁ ଜୀବିତ ରଖିବାକୁ ସକ୍ଷମ ହୋଇଛି ପାକିସ୍ତାନ। ତୃତୀୟ ଟି-୨୦କୁ ଭ୍ରମଣକାରୀ ପାକିସ୍ତାନ ଶୁକ୍ରବାର ୯ ଓ୍ୱିକେଟରେ ଜିତି ନେଇଛି। ନ୍ୟୁଜିଲ୍ୟାଣ୍ଡ ଦେଇଥିବା ବିଶାଳ ୨୦୫ ରନର ଟାର୍ଗେଟକୁ ପାକିସ୍ତାନ ୧୬ ଓଭରରେ ହାସଲ କରି ପାରିଛି। ଏହି ବିଜୟ ପରେ ପାକିସ୍ତାନ ୫ ଟିକିଆ ଟି-୨୦ ସିରିଜକୁ ୧-୨ ସ୍ଥିତିକୁ ଆଣିବାକୁ ସକ୍ଷମ ହୋଇଛି।

ତେବେ ବିଜୟର ବିନ୍ଧାଣୀ ହେଉଛନ୍ତି ଯୁବ ତାରକା ନଓ୍ୱାଜ। ୨୨ ବର୍ଷୀୟ ନଓ୍ୱାଜଙ୍କର ଏହା ହେଉଛି ଡେବ୍ୟୁ ଅନ୍ତର୍ଜାତୀୟ ଟି-୨୦ ସିରିଜ। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟି-୨୦ରେ ସେ ପାକିସ୍ତାନ ପାଇଁ ଡେବ୍ୟୁ କରିଥିଲେ। ଏବେ ସିରିଜର ତୃତୀୟ ମ୍ୟାଚରେ ସେ ବିସ୍ଫୋରକ ଶତକ ମାରି ସମସ୍ତଙ୍କୁ ନିଜ ଜଲୱା ଦେଖାଇଛନ୍ତି। ମାତ୍ର ୪୪ ବଲରେ ନଓ୍ୱାଜ ତାଙ୍କ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟର ପ୍ରଥମ ଶତକ ହାସଲ କରିଛନ୍ତି।

ଏହି ଶତକ ପରେ ସେ ବାବରଙ୍କୁ ପଛରେ ପକାଇ ଦେଇଛନ୍ତି। ଏବେ ନଓ୍ୱାଜ ପାକିସ୍ତାନର ଦ୍ରୁତତମ ବ୍ୟାଟର ଭାବେ ଟି-୨୦ରେ ଶତକ ହାସଲ କରିବାର ରେକର୍ଡ ନିଜ ନାଁରେ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ବାବରଙ୍କ ନାଁରେ ଥିଲା। ସେ ୨୦୨୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ରେ ମାତ୍ର ୪୯ ବଲରେ ଶତକ ମାରିଥିଲେ। ହେଲେ ନଓ୍ୱାଜ ତାଙ୍କ ଠାରୁ କମ ବଲରେ ଶତକ ମାରିଛନ୍ତି। ଏଥିସହ ନଓ୍ୱାଜ ପାକିସ୍ତାନର ପ୍ରଥମ କ୍ରିକେଟର ଯିଏ ୪୫ରୁ କମ ବଲରେ ଟି-୨୦ରେ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ନଓ୍ୱାଜ ମ୍ୟାଚରେ ୪୫ ବଲରେ ସାମ୍ନା କରି ଅପରାଜିତ ୧୦୫ ରନ କରିଛନ୍ତି। ଏହି ଇନିଂସରେ ସେ ୧୦ଟି ଚୌକା ଓ ୭ଟି ଛକା ମାରିଛନ୍ତି। ଏଥିପାଇଁ ତାଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ପୁରସ୍କାର ବି ମିଳିଛି। ମ୍ୟାଚ୍ କଥା ବିଚାରକୁ ନେଲେ ଅକଲ୍ୟାଣ୍ଡରେ ଖେଳା ଯାଉଥିବା ମ୍ୟାଚରେ ପାକିସ୍ତାନ ଅଧିନାୟକ ସଲମାନ ଆଘା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ଟିମ ସେଫର୍ଟ (୧୯) ଓ ଫିନ ଆଲେନ (୦)ଙ୍କୁ ହ୍ୟାରିଶ ରୌଫ ଓ ଶାହୀନ ଶାହ ଆଫ୍ରିଦି ପ୍ୟାଭିଲିୟନ ପଠାଇ ଦେଇଥିଲେ। ୪.୧ ଓଭର ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ୪୩/୨ରେ ରହିଥିଲା। ଏତିକି ବେଳେ ମାର୍କ ଚାପମାନ ଡାରେଲ ମିଚେଲ (୧୧ ବଲରେ ୧୭ ରନ) ୫୫ ରନର ଭାଗିଦାରୀ କରିଥିଲେ। ଚାପମାନ ୨୯ ବଲରେ ଅର୍ଦ୍ଧଶତକ ହାସଲ କରିବା ବେଳେ ଗିୟର ବଦଳାଇ ଦେଇଥିଲେ। ତେବେ ଶଦାବ ଖାନ ୧୭ ରନ କରିଥିବା ମିଚେଲଙ୍କୁ ଆଉଟ କରିଥିଲେ। ନ୍ୟୁଜିଲ୍ୟାଣ୍ଡ ୯.୪ ଓଭରରେ ଦଳୀୟ ସ୍କୋରକୁ ୧୦୦ରେ ପହଞ୍ଚାଇଥିଲା।

# ଆଇପିଏଲ ୨୦୨୫ରେ ବଦଳିଲା ୪ ନିୟମ




**କୋଲକାତା,୨୨।୩:** ଫଟାଫଟ କ୍ରିକେଟ ପୂର୍ବରୁ ବିସିସିଆଇ ଆଣିଲା ବଡ଼ ପରିବର୍ତ୍ତନ। ଆଇପିଏଲକୁ ରୋମାଣ୍ଟିକ କରିବା ପାଇଁ ବିସିସିଆଇ ବଦଳାଇଲା ୪ ନିୟମ। ନିୟମ ବଦଳିବା ଦ୍ୱାରା ଉଭୟ ବୋଲର୍ ଓ କ୍ୟାପ୍ଟେନଙ୍କୁ ମିଳିବ ଫାଇଦା । ବିସିସିଆଇ ପକ୍ଷରୁ ଗୁରୁବାର ବଲ୍ରେ ଲାଳ ଲଗାଇବା ବ୍ୟାନକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦିଆଯାଇଛି । ଏହା ସହ ସ୍ଲୋ ଓଭର୍ ରେଟ୍ ଯୋଗୁ ଏଣିକି କ୍ୟାପ୍ଟେନଙ୍କ ଉପରେ ବ୍ୟାନ ଲାଗିବନି ବୋଲି ମଧ୍ୟ ନିଷ୍ପତ୍ତି ଦିଆଯାଇଛି। ଏହାଛଡ଼ା ଅନେକ ନିୟମରେ ପରିବର୍ତ୍ତନ ଆଣିଛି ବିସିସିଆଇ ।

ନୂଆ ସିଜିନରେ ନୂଆ ନିୟମ। ରୋମାଣ୍ଟିକ ହେବ ପ୍ରତିଟି ମ୍ୟାଚ୍ । କୋଭିଡ୍ ମହାମାରୀ ବେଳେ ଆଇସିସି ପକ୍ଷରୁ ଲଗାଯାଇଥିବା କଟକଣାକୁ ବିସିସିଆଇ ପକ୍ଷରୁ ଆଇପିଏଲ ୨୦୨୫ରେ ହଟାଇ ଦିଆଯାଇଛି। ପୂର୍ବରୁ ବଲରେ ଲାଳ ଲଗାଇବାକୁ ଅନୁମତି ଥିବା ବେଳେ କୋଭିଡ୍ ବେଳୁ ଏହା ଉପରେ କଟକଣା ଲଗାଯାଇଥିଲା । କିନ୍ତୁ ଗୁରୁବାର ଏକ ବୈଠକରେ ସମସ୍ତ କ୍ୟାପ୍ଟେନଙ୍କୁ ଅନୁମତିରେ ଏହି ନିୟମରେ ପରିବର୍ତ୍ତନ ଅଣାଯାଇଛି। ଏଣିକି ବୋଲରମାନେ ପୂର୍ବରୁ ଯେଉଳି ବଲକୁ ସାଇନ୍ କରିବା ପାଇଁ ଲାଳ ବ୍ୟବହାର କରୁଥିଲେ। ଯାହା ଦ୍ୱାରା ରିଭର୍ସ ସ୍ୱିଙ୍ଗ ଦେଖିବାକୁ ମିଳୁଥିଲା। ପୁଣି ଥରେ ସମାନ ତରିକା ଆପଣେଇପାରିବେ ।

ଆଇସିସି ଚାମ୍ପିୟନ୍ସ ଟ୍ରଫି ବେଳେ ଟିମ୍ ଇଣ୍ଡିଆର ଷ୍ଟାର ବୋଲର ମହମ୍ମଦ ଶାମି ବଲରେ ଲାଳର ବ୍ୟବହାର ସପକ୍ଷରେ ମତ ରଖିଥିଲେ। ଶାମି କହିଥିଲେ, ଆମକୁ ବଲରେ ଲାଳ ମାରିବାକୁ ଅନୁମତି ଦିଆଯିବା ଦରକାର। ଏହାଦ୍ୱାରା ଆମେ କ୍ରିକେଟରୁ ହଜିଯାଇଥିବା ରିଭର୍ସ ସ୍ୱିଙ୍ଗକୁ ପୁଣି ଫେରାଇ ଆଣିବାକୁ ସକ୍ଷମ ହେବୁ। ଏହା ମ୍ୟାଚକୁ ବି ରୋମାଞ୍ଚକର କରିବ। ବଲକୁ ସାଇନ କରିବା ପାଇଁ ସାଲାଇବାର ବ୍ୟବହାର ହେଉ ନଥିବାରୁ ରିଭର୍ସ ସ୍ୱିଙ୍ଗ୍ ମିଳୁ ନାହିଁ।

ସେପଟେ ବୋଲିଂ ଟିମ୍ ୨୦ ଓଭରେ ୨ଟି ନୂଆ ବଲର ବ୍ୟବହାର କରିପାରିବେ। କାକର ସମସ୍ୟା ଯୋଗୁ ବଲ୍ ଓଦା ହୋଇଯିବାରୁ ବୋଲିଂରେ ଅସୁବିଧା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ୧୧ ଓଭର୍ ପରେ କ୍ୟାପ୍ଟେନ ନୂଆ ବଲ୍ର ବ୍ୟବହାର କରିପାରିବେ। କିନ୍ତୁ ଏନେଇ ଫିଲ୍ଡ ଅମ୍ପାୟାର ନିଷ୍ପତ୍ତି ନେବେ। ପୁରୁଣା ବଲ୍କୁ ଯାଞ୍ଚ କରିବା ପରେ ନୂଆ ବଲ୍ ଖେଳିବା ପାଇଁ ଅନୁମତି ଦେବେ। ଏହାଛଡ଼ା ସ୍ଲୋ ଓଭର୍ ରେଟ୍ କାରଣରୁ କ୍ୟାପ୍ଟେନଙ୍କୁ ବ୍ୟାନ୍ କରାଯାଉଥିଲା। ଯାହା ଏହି ସିଜିନ୍ରେ ଆଉ ଦେଖିବାକୁ ମିଳିବନି। ସ୍ଲୋ ଓଭର୍ ରେଟ୍ ପାଇଁ କ୍ୟାପେ୍ଟନଙ୍କ ଉପରେ ଡିମେରିଟ୍ ପଏ ଲାଗିବ ଏବଂ ମ୍ୟାଚ୍ ଫି ମଧ୍ୟ କଟାଯିବ। କିନ୍ତୁ ତାଙ୍କୁ କୌଣସି ମ୍ୟାଚ୍ ପାଇଁ ବ୍ୟାନ୍ କରାଯିବ ନାହିଁ।

# ମାହିରା ଏବଂ ସିରାଜ୍ଙ୍କ ଡେଟିଂକୁ ନେଇ ଚର୍ଚ୍ଚା





**ମୁମ୍ବାଇ,୨୨।୩:** ବଲିଉଡ୍ ଅଭିନେତ୍ରୀ ଏବଂ କ୍ରିକେଟରଙ୍କ ମଧ୍ୟରେ ପ୍ରେମ ସଂପର୍କ,ଡେଟିଂର କଥା କିଛି ନୂଆ ନୁହେଁ। ପୂର୍ବରୁ ଦୀପିକା ପାଦୁକୋନ୍, ବିପାଶା ବାସୁ, ଶିଲ୍ପା ସେଟ୍ଟୀଙ୍କ ଭଳି ଅଭିନେତ୍ରୀଙ୍କ ନାଁ କ୍ରିକେଟରଙ୍କ ସହ ଯୋଡ଼ି ଥିବା ବେଳେ ଅନେକ ଅଭିନେତ୍ରୀ କ୍ରିକେଟରଙ୍କୁ ହିଁ ନିଜ ଜୀବନସାଥୀ ରୂପେ ବାଛିଛନ୍ତି । ଯେମିତିକି ବିରାଟ୍-ଅନୁଷ୍କା,ଯୁବରାଜ-ହେଜେଲ,ଯୁଜବେନ୍ଦ୍ର-ଧନଶ୍ରୀ, ହରଭଜନ୍-ଗୀତା ଆଦି ଅନେକ। ତେବେ ଏହାରି ଭିତରେ ଏବେ ଆଉ ଜଣେ ଅଭିନେତ୍ରୀ ଏବଂ କ୍ରିକେଟରଙ୍କ ମଧ୍ୟରେ ଡେଟିଂ ଚାଲିଥିବାର ଖବର ସାମ୍ନାକୁ ଆସୁଛି। ନିକଟରେ 'ବିଗ୍ ବସ୍ ୧୩' ଫେମ୍ ତଥା ପଞ୍ଜାବୀ ଅଭିନେତ୍ରୀ ମାହିରା ଶର୍ମାଙ୍କ ନାଁ କ୍ରିକେଟର୍ ମହମ୍ମଦ ସିରାଜଙ୍କ ସହ ଯୋଡ଼ା ଗଲା। ଅନେକ ଦିନ ଧରି ମାହିରା ଏବଂ ସିରାଜଙ୍କ ମଧ୍ୟରେ ଡେଟିଂକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ବର୍ତ୍ତମାନ ଉଭୟ ଏଥିରେ ବିରାମ ଲଗାଇଛନ୍ତି । ଦୁହେଁ ନିଜ ଇନଷ୍ଟାଗ୍ରାମ୍ ଷ୍ଟୋରୀରେ ଏହି ଖବରକୁ ସିଧାସଳଖ ଗୁଜବ ବୋଲି କହିଛନ୍ତି। ମାହିରା ଏଭଳି ଗୁଜବଠାରୁ ଦୂରେଇ ରହିବା ସହ ଅଯଥା ପ୍ରସାର, ପ୍ରଚାର ନ କରିବା ପାଇଁ ଗଣମାଧ୍ୟମକୁ କହିଛନ୍ତି । ସେ ଇନଷ୍ଟାଗ୍ରାମ୍ ଷ୍ଟୋରୀରେ ଲେଖିଛନ୍ତି,'ଗୁଜବ ସୃଷ୍ଟି କରିବା ବନ୍ଦ କରନ୍ତୁ, ମୁଁ କାହାକୁ ବି ଡେଟ୍ କରୁନାହିଁ।' ଆପଣଙ୍କୁ କହିରଖୁଛୁ କି ଗୁରୁବାର ମାହିରା ଏକ ଇଭେଣ୍ଟରେ ଯୋଗଦେବାକୁ ଯାଇଥିବାବେଳେ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ପ୍ରିୟ ଆଇପିଏଲ୍ ଖେଳାଳିଙ୍କ ବିଷୟରେ ପ୍ରଶ୍ନ କରିବା ସହ ସିରାଜଙ୍କୁ ନେଇ ମଜା ଉଡ଼ାଇଥିଲେ।

# ଟୟୋଟା କିର୍ଲୋସ୍କର ପକ୍ଷରୁ ଜଳ ଦିବସ

**ନୂଆଦିଲ୍ଲୀ,୨୨।୩ :** ବିଶ୍ୱ 'ବିଶ୍ୱ ବନ ଦିବସ' ଏବଂ 'ବିଶ୍ୱ ଜଳ ଦିବସ' ପାଳନ ଅବସରରେ, ଟୟୋଟା କିର୍ଲୋସ୍କର ମୋଟର(ଟିକେଏମ) ପରିବେଶ ସଂରକ୍ଷଣ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରିଛି। ବିଶ୍ୱ ଟୟୋଟା ପରିବେଶ ଚ୍ୟାଲେଞ୍ଜ ୨୦୫୦ (ଟିଇସି ୨୦୫୦)କୁ କାର୍ଯ୍ୟକାରୀ କରୁଛି। ଯେଉଁଥିରେ ଛଅଟି ଦୂରଦୃଷ୍ଟିପୂର୍ଣ୍ଣ ଚ୍ୟାଲେଞ୍ଜ ଶୂନ ପରିବେଶଗତ ପ୍ରଭାବ ଏବଂ ନେଟ ସକାରାତ୍ମକ ପ୍ରଭାବ ହାସଲ କରିବା ଲକ୍ଷ୍ୟ ଅନ୍ତର୍ଭୁକ୍ତ। ଯେଉଁଥିରେ ଜଳ ବ୍ୟବହାରକୁ ସର୍ବନିମ୍ନ ଏବଂ ଅପ୍ଟିମାଇଜ କରିବା ସହିତ ପ୍ରକୃତି ସହିତ ସମନ୍ୱୟରେ ଏକ ଭବିଷ୍ୟତ ସମାଜ ପ୍ରତିଷ୍ଠା କରିବା ଲକ୍ଷ୍ୟ ରହିଛି। ୨୦୧୫ ମସିହାରେ ଆରମ୍ଭ ହେବା ପରଠାରୁ, ଟୟୋଟା ଏନଭାର୍ଣ୍ଣମେଂଟଲ ଚ୍ୟାଲେଞ୍ଜ ୨୦୫୦ କମ୍ପାନୀର ସ୍ଥାୟୀ ପଦକ୍ଷେପଗୁଡ଼ିକୁ ମାର୍ଗଦର୍ଶନ କରିଆସୁଛି। ଯାହା ସମଗ୍ର ମୂଲ୍ୟ ଶୃଙ୍ଖଳରେ କାର୍ବନ ନିର୍ଗମନ, ସମ୍ପଦ ହ୍ରାସ, ଜଳ ଅଭାବ ଏବଂ ଜୈବ ବିବିଧତା କ୍ଷତି ଭଳି ପ୍ରମୁଖ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରି ପୃଥିବୀର ଇକୋସିଷ୍ଟମର ପୁନରୁଦ୍ଧାରରେ ସକାରାତ୍ମକ ଯୋଗଦାନକୁ ସକ୍ଷମ କରିଥାଏ। ଟିକେଏମର ପ୍ରତିବଦ୍ଧତାର ମୂଳରେ 'ଗ୍ରହ ପ୍ରତି ସମ୍ମାନ'ର ଏକ ଗଭୀର ଦର୍ଶନ ରହିଛି, ଯାହା ଇକୋସିଷ୍ଟମ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କୁ ସମୃଦ୍ଧ କରିବା ସହିତ ପରିବେଶଗତ ପ୍ରଭାବକୁ ହ୍ରାସ କରିବା ପାଇଁ କମ୍ପାନୀର ପ୍ରୟାସକୁ ପ୍ରେରଣା ଦେଉଛି। ଏହି ଦିଗରେ, ଜଳକୁ ଏକ ଅମୂଲ୍ୟ ଏବଂ ସହଭାଗୀ ସମ୍ପଦ ଭାବରେ ଚିହ୍ନଟ କରି, ଟୟୋଟା କିର୍ଲୋସ୍କର ମୋଟର ଏହାର ପ୍ଲାଂଟ ସୁବିଧାରେ ଜଳ ବ୍ୟବହାରକୁ ଅନୁକୂଳ କରିବା ପାଇଁ ଏକ ସାମଗ୍ରିକ '୪ଆର' ରଣନୀତି, ରିଡ୍ୟୁସ୍, ରିୟୁଜ୍, ରିସାଇକିଲ ଏବଂ ରିଚାର୍ଜ ଅନୁସରଣ କରୁଛି।

# ଆଇକନିକ୍ ହ୍ୱାଇଟ ରଚିଲା ଇତିହାସ

**ମୁମ୍ବାଇ,୨୨।୩ :** ଭାରତର ତୃତୀୟ ସର୍ବବୃହତ ସ୍ପିରିଟ କମ୍ପାନୀ ଆଲାଏଡ ବ୍ଲେଣ୍ଡର୍ସ ଆଣ୍ଡ ଡିଷ୍ଟିଲର୍ସ ଲିମିଟେଡ (ଏବିଡି) ତାହାର ଆଇକନିକ୍ ହ୍ୱାଇଟ୍ ସହିତ ଏକ ନୂଆ ସଫଳତା ହାସଲ କରିଛି। ଏହାର ଶୁଭାରମ୍ଭ ହେବାପରେ ମାତ୍ର ୩୪୪ ଦିନରେ ଏହି ବ୍ରାଣ୍ଡ୍ ୫୦ ଲକ୍ଷ (୫ ନିୟୁତ) କେସ୍ ବିକ୍ରି କରିଛି। ସେପ୍ଟେମ୍ବର ୨୦୨୩ରେ ଆରମ୍ଭ ହୋଇଥିବା ଏହି ପ୍ରିମିୟମ ବ୍ରାଣ୍ଡ୍ ତାହାର ଆକର୍ଷଣୀୟ ଡିଜାଇନ ଏବଂ ଗୁଣବତ୍ତା ଦ୍ୱାରା ଦ୍ରୁତଗତିରେ ବଜାରରେ ନିଜର ସ୍ଥାନ ସୁଦୃଢ କରିଛି। ଆର୍ଥିକ ବର୍ଷ ୨୦୨୨-୨୩ରେ ୩.୨ ଲକ୍ଷ କେସ୍ ବିକ୍ରି କରିବା ପରେ ୨୦୨୩-୨୪ରେ ଏହି ବିକ୍ରି ପରିମାଣ ୨୨.୭ ଲକ୍ଷ କେସ୍ରେ ପହଞ୍ଚିଥିଲା, ଯାହା ୨୦୨୩ରେ ସବୁଠାରୁ ଦ୍ରୁତଗତିରେ ଅଭିବୃଦ୍ଧିଶୀଳ ସ୍ପିରିଟ ବ୍ରାଣ୍ଡ୍ ହୋଇଛି। ଏବିଡିର ମ୍ୟାନେଜିଂ ଡାଇରେକ୍ଟର ଆଲୋକ ଗୁପ୍ତା ଏହାକୁ କମ୍ପାନୀ ପାଇଁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ଉଲ୍ଲେଖ କରିବା ସହିତ ଆନ୍ତର୍ଜାତିକ ସ୍ତରରେ ବ୍ରାଣ୍ଡର ପ୍ରସାର ସମ୍ପର୍କରେ ପ୍ରକାଶ କରିଛନ୍ତି। ଚିଫ୍ ଇନୋଭେସନ ଆଣ୍ଡ ଷ୍ଟ୍ରାଟେଜି ଅଫିସର ବିକ୍ରମ ବସୁ ଏହାକୁ ଗେମ୍ଚେଞ୍ଜର ବ୍ରାଣ୍ଡ୍ ବୋଲି ବର୍ଣ୍ଣନା କରିଛନ୍ତି। ଆଇକନିକ ହ୍ୱାଇଟ୍ ଆଇଏସସି ୨୦୨୪, ଆଇଡବ୍ଲ୍ୟୁସି ୨୦୨୪ ଏବଂ ଆଇଡବ୍ଲ୍ୟୁଏସ୍ଏ ୨୦୨୪ରେ ସ୍ୱର୍ଣ୍ଣ ପଦକ ଜିତି ଆନ୍ତର୍ଜାତିକ ସ୍ତରରେ ତାହାର ପ୍ରିମିୟମ୍ ଗୁଣବତ୍ତା ପ୍ରମାଣିତ କରିଛି। ପୂର୍ବ ଓ ଉତ୍ତର ଭାରତରେ ଏହାର ପ୍ରାରମ୍ଭିକ ଶୁଭାରମ୍ଭ ସମୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଆଇକନିକ ହ୍ୱାଇଟ୍ରେ ୩.୨ ଲକ୍ଷ କେସ୍ ବିକ୍ରି ରେକର୍ଡ କରାଯାଇଛି। ଡ୍ରିଙ୍କସ୍ ଇଣ୍ଟର ନ୍ୟାସନାଲର ମିଲିୟନେୟର୍ସ କ୍ଲବ ରିପୋର୍ଟ ୨୦୨୪ ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ଏହାର ବିକ୍ରି ୨୨.୭ ଲକ୍ଷ କେସ୍କୁ ବୃଦ୍ଧିପାଇଛି ଏବଂ ୨୦୨୩ ପାଇଁ ଏହା ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ସ୍ପିରିଟ ବ୍ରାଣ୍ଡ୍ ଭାବରେ ମାନ୍ୟତା ପାଇଛି।

# କ୍ରମ୍ପଟନର ସ୍ଲିମ୍ଓ-ଅଲଟ୍ରା-ସ୍ଲିକ୍ ଶୁଭାରମ୍ଭ

**ମୁମ୍ବାଇ,୨୨।୩ :** ପାରମ୍ପରିକ ଡ଼େକୋରେଟିଭ ଉଜ୍ଜ୍ୱଳମାନ ଆଲୋକ ବ୍ୟବସ୍ଥାର ଏକ ନୂତନ ସମ୍ଭାରକୁ ପ୍ରଦାନ କରିବାକୁ ଯାଇ କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ ଲିମିଟେଡ଼, ଏହାର ବ୍ୟାଟେନ ଲାଇଟିଙ୍ଗ ପୋର୍ଟଫୋଲିଓର ସମ୍ଭାରକୁ ଅଧିକ ବିସ୍ତାରିତ କରିବାକୁ ଯାଇ ଦୁଇଟି ନୂତନ ସାମଗ୍ରୀର ଶୁଭାରମ୍ଭ କରିଛି – ଇନଫାଇନିଆ ୨୪ୱାଟର ଏକ ଅନନ୍ୟ ଅପ୍ରତ୍ୟକ୍ଷ ଆଲୋକ ସାମଗ୍ରୀର ଡ଼ିଜାଇନ ସହିତ ପ୍ରିଷଟେକ୍ ଜ୍ଞାନକୌଶଳ। ଏହି ଇନଫାଇନିଆ ୨୪ୱାଟ ଏକ ଅନନ୍ୟ ଡ଼ିଜାଇନ ସହିତ ଡ଼େକୋରେଟିଭ ଶେଷ ସ୍ପର୍ଶ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳତମ ପାରମ୍ପରିକ ପ୍ରଦର୍ଶନର ଏକ ଆକର୍ଷଣ ଆଣିପାରିଛି। ଏଥି ସହିତ ସ୍ଲିମ୍ଓ ୨୦ୱାଟ – ୧୫ ପ୍ରତିଶତ ସ୍ଲିମ ବ୍ୟାଟେନ ଯୁକ୍ତ ଡ଼େକୋରେଟିଭ ଶେଷ ସ୍ପର୍ଶ ଯାହାକି ଆଧୁନିକ ଜୀବନ ଧାରଣାର ଅବସ୍ଥିତିକୁ ଅଧିକ ଅଭିନନ୍ଦନୀୟ କରିପାରିଛି। ଏହି ଏଲଇଡ଼ି ଆଲୋକ ବ୍ୟବସ୍ଥା ଆଧୁନିକତମ ଆଲୋକିତ ଜ୍ଞାନକୌଶଳର ମିଶ୍ରଣ ସହିତ ପାରମ୍ପରିକ ସ୍ଲିକ୍କୁ ନେଇ ଆସିଅଛି ଯାହାକି ଉଭୟ ଘରୋଇ ତଥା କାର୍ଯ୍ୟାଳୟର ସଠିକ୍ ଅଭିଳାଷାର ସୃଜନଶୀଳତାକୁ ଆଣିପାରିଛି। ଡ଼େକୋରେଟିଭ ଆହୁରି ଅଧିକ ବୃଦ୍ଧି କରିବା ଦ୍ୱାରା ଏହି ନୂତନ ଆଲୋକର ଫିକ୍ସଚର ଗୁଡ଼ିକ କେବଳ ସେହି ସ୍ଥାନଗୁଡ଼ିକୁ ଉଜ୍ଜ୍ୱଳ କରିପାରିଛି ତାହା ନୁହେଁ ଏହା ସମସାମୟିକ ଅତ୍ୟାଧୁନିକତାର ସ୍ପର୍ଶକୁ ମଧ୍ୟ ପ୍ରଦାନ କରିପାରିଛି। ଇଣ୍ଟେରିଅର ପ୍ରଣାଳୀର ପରିବର୍ତ୍ତନ ପାଇଁଏହା ଆଦର୍ଶ ହୋଇଥିବାବେଳେ ଏହି ଆଲୋକ ପ୍ରଣାଳୀର କାର୍ଯ୍ୟଧାରାଗୁଡ଼ିକ ନିରବଚ୍ଛିନ୍ନ ଭାବରେ ଆନନ୍ଦ ପ୍ରଦାନ କରିବା ସହିତ ଏହା ମଧ୍ୟ ଘର ତଥା ଅଫିସର ଶୋଭାବର୍ଦ୍ଧନ କରିବା ସହିତ ପାରିପାର୍ଶ୍ୱିକ ପରିବେଶକୁ ମଧ୍ୟ ଦୃଶ୍ୟମାନ ଭାବରେ ଧରିରଖିପାରିଛି।

# ସାମସଙ୍ଗର ଗାଲାକ୍ସି ବୁକ୍-୫ ଶୃଙ୍ଖଳ

**ନୂଆଦିଲ୍ଲୀ,୨୨।୩ :** ସାମସଙ୍ଗ, ଭାରତର ବୃହତମ ଗ୍ରାହକ ଇଲେକ୍ଟ୍ରୋନିକ୍ସ କମ୍ପାନୀ, ଆଜି ଏହାର ସମଗ୍ର ଦେଶରେ ଗାଲାକ୍ସି ବୁକ୍୫ ଶୃଙ୍ଖଳ ଉପଲବ୍ଧତାର ଘୋଷଣା କରିଛି। ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଏଆଇ କ୍ଷମତାଯୁକ୍ତ ଏହି ଗାଲାକ୍ସି ବୁକ୍୫ ଶୃଙ୍ଖଳ ପରବର୍ତ୍ତି ସ୍ତରର ଉତ୍ପାଦକତା, ସୃଜନଶୀଳତା ଏବଂ ମନୋରଞ୍ଜନ ପାଇଁ ନିଖୁଣ ଭାବରେ ଡ଼ିଜାଇନ କରାଯାଇଛି। ପୂର୍ବ ଅପେକ୍ଷା ଅଧିକ ମାତ୍ରାରେ ଏଆଇ କ୍ଷମତାଯୁକ୍ତ କମ୍ପୁଟିଙ୍ଗଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଗାଲାକ୍ସି ବୁକ୍ ୫ ଶୃଙ୍ଖଳ ଇଂଟେଲ କୋର ଅଲଂ ସହିତ ଗାଲାକ୍ସି ବୁକ୍୫ ଶୃଙ୍ଖଳ ଯାହା ୧୧୪୯୦୦ ଟଙ୍କାରୁ ଏବେ ଆରମ୍ଭ ହେଉଛି, ଯାହାକି ପୂର୍ବ ପୀଢ଼ି ଗାଲାକ୍ସି ବୁକ୍୪ ଶୃଙ୍ଖଳ ଉପକରଣ ମଡ଼େଲ ଠାରୁ ତୁଳନାତ୍ମକ ଭାବରେ ୧୫,୦୦୦ ଟଙ୍କାର କମ୍ ମୂଲ୍ୟ ଅଟେ। ଗାଲାକ୍ସି ବୁକ୍୫ ଶୃଙ୍ଖଳ କ୍ରୟ କରିବା ସମୟରେ ଗ୍ରାହକମାନେ ୧୦,୦୦୦ ଟଙ୍କାର ବ୍ୟାଙ୍କ ଅର୍ଥ ରାଶି ଫେରସ୍ତର ସୁବିଧା ପାଇବା ସହିତ କେବଳ ମାତ୍ର ୭୯୯୯ ଟଙ୍କା (ଯାହାରକି ପ୍ରକୃତ ମୂଲ୍ୟ ୧୯,୯୯୯ ଟଙ୍କା)ରେ ଗାଲାକ୍ସି ବଡ୍ସ୩ ପ୍ରୋ ପାଇପାରିବେ। ଉପକରଣ ଗୁଡ଼ିକ ମଧ୍ୟ ୨୪ ମାସର ନୋକଷ୍ଟ ଇଏମଆଇ ବିକଳ୍ପ ସହିତ ଉପଲବ୍ଧ ହେଉଅଛି। ଅତିରିକ୍ତ ଭାବରେ ଯୁବ ପେଷାଦାର ଶିକ୍ଷା ଗ୍ରହଣକାରୀ ଛାତ୍ରଛାତ୍ରୀମାନେ ୧୦%ର ଏକ ରିହାତି ଏହି ଗାଲାକ୍ସି ବୁକ୍୫ ଶୃଙ୍ଖଳରେ ଏକ ଆଦର୍ଶ ପସନ୍ଦ ଭାବରେ ପାଇପାରିବେ। ଗ୍ରାହକ ମାନେ ମଧ୍ୟ ଗାଲାକ୍ସି ବୁକ୍୫ ୩୬୦, ଗାଲାକ୍ସି ବୁକ୍୫ପ୍ରୋ ଏବଂ ଗାଲାକ୍ସି ବୁକ୍୫ପ୍ରୋ ୩୬୦କୁ କ୍ରୟ କରିପାରିବେ ସାମସଙ୍ଗ ଡ଼ଟ କମ୍, ସାମସଙ୍ଗ ଇଣ୍ଡିଆ, ସ୍ମାର୍ଟ କେଫସ୍, ଚୟନ ହୋଇଥିବା ସାମସଙ୍ଗର ଅଧିକୃତ ଖୁଚୁରା ଷ୍ଟୋର ଏବଂ ଅନ୍ୟାନ୍ୟ ଅନଲାଇନ ପୋଟାଲ ମାଧ୍ୟମରେ ଯାହାର ବିକ୍ରୟ ଆଜି ଠାରୁ ଆରମ୍ଭ ହେଉଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ